ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

# ଆହ୍ୱାନ

୫



ଜୁଲାଇ ୨୦୧୨

ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଆହ୍ୱାନ ଓଡ଼ିଆ ପରିବାର

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

( ଏମ୍.ବି.ବି.ଏସ୍., ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍ )

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ଓଡ଼ିଶା, ୭୬୦୦୧୦ ଫୋନ୍: ୯୦୪୦୯୮୫୪୬୩

ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର
ଘୋଷଯାତ୍ରା ନିଃସନ୍ଦେହ ମାନବବାଦର ଯାତ୍ରା |
ଏହି ଯାତ୍ରା ଦ୍ବାରା ସମଗ୍ର ବିଶ୍ବର କଲ୍ୟାଣ ହେବ |
ସେହି ମହାପ୍ରଭୂଙ୍କ ଚରଣାବିନ୍ଦରେ ସମର୍ପିତ...




## ପ୍ରଚ୍ଛଦ

ସମଗ୍ର ବିଶ୍ବର ପ୍ରାଣକେନ୍ଦ୍ର, ସବୁ ସଂସ୍କୃତିରୁ ଶ୍ରେଷ୍ଠ ଏବଂ ଆଦ୍ୟ ସଂସ୍କୃତି ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ଏବଂ ବିରଳ ପରମ୍ପରା ରଥଯାତ୍ରା ବା ଘୋଷଯାତ୍ରାର ଛବିକୁ ଚଳିତ ସଂସ୍କରଣର ପ୍ରଚ୍ଛଦରେ ସଜାଇବାର ପ୍ରୟାସ କରାଯାଇଛି ।

- ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।
- ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ । ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।
- ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଆମକୁ ଲେଖା ପଠାଇବା ଠିକଣା : -

**ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ବୀମା ନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୦୪୦୯୮୫୪୬୩

ଇ-ମେଲ୍ : aahwaan@gmail.com

# ସୂଚୀପତ୍ର


ସମ୍ପାଦକୀୟ ୭

**ପୁରୀ : ନିଶାର୍ଦ୍ଧ - ବିଚିତ୍ର ଅତିଥି**
ମନୋଜ ଦାସ ୯

**ସାବଧାନ**
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୧୦

**ତୁ ଝିଅଟିଏ ବୋଲି**
ଦୟାନିଧି ଦାଶ ୧୧

**ମାନବବାଦର ଯାତ୍ରା : ରଥଯାତ୍ରା**
ହେନେରିତା ମିଶ୍ର (ପଣ୍ଡା) ୧୪

**ମୋ ଭ୍ରମଣ କାହାଣୀ (ଭାଗ - ୫ ମୁମ୍ବାଇ)**
ପ୍ରଶାନ୍ତ କୁମାର ଭୂୟାଁ ୧୯

**ଚିର ଅମର**
ଅସିତ କୁମାର ପଣ୍ଡା ୨୬

**ଆମ ଗାଁ ହାଲଚାଲ**
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୩୧

**ପ୍ରିୟତମା**
ତାପସ ପଣ୍ଡା ୩୪

**ମାୟା ଆଉ ଲୁସିଫର୍**
ଶ୍ବେତା ଆଚାର୍ଯ୍ୟ ୩୫

**ମୋ ଭାଇ**
ସ୍ବରୂପ କୁମାର ମଲ୍ଲ ୩୬

**ତୁମ ସ୍ମୃତିରେ**
ଅଜିତ କୁମାର ତ୍ରିପାଠୀ(କୁଲ୍) ୩୭

**ସମ୍ପର୍କ**
ରଞ୍ଜନ କୁମାର ପାଣିଗ୍ରାହୀ ୩୮

**ସୃଷ୍ଟିର ବିଶାଳ ରଚନା ଭିତରେ ମୁଁ**
ରଶ୍ମୀ ରଞ୍ଜନ କର ୩୯

**ବନ୍ଦ ଓଠ**
ଊର୍ମିଳା ମିଶ୍ର ୪୦

**ଭୋକିଲା ପେଟର କମାଣରୁ**
ବିଭୂତି ରଥ ୪୧

**ଦୁଃଖ**
ବିଜୟଲକ୍ଷ୍ମୀ ବେହେରା ୪୨

**ମଲାଜହ୍ନ**
ବିକି ମିଶ୍ର ୪୩

**ଫକୀର**
ବିନୟ ମୋହନ ଦାଶ ୪୪

**ପାଷାଣ**
ବିନୋଦିନି ସାହୁ ୪୬

**ସେ ତ ଭକତ ଭାବରେ ବନ୍ଧାରେ**
ରଶ୍ମୀ ରଞ୍ଜନ ଦାଶ (ବାପୁ) ୪୭

**ପ୍ରତିଭା**
ଆଦିତ୍ୟ ସାହୁ ୫୩

**ଜଗନ୍ନାଥ ତୁମେ ଇସ୍ତଫା ଦିଅ**
ହେନେରିତା ମିଶ୍ର (ପଣ୍ଡା) ୫୪

**ସତ୍‌ସାହିତ୍ୟ ଓ ରାଜନୀତି**
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୫୬

**ବୋଉ ମୋର**
କମଳ କୁମାର ଦାଶ ୬୦

**ହୋ... ଭକତେ...**
ଡଃ କୁଳାଙ୍ଗାର ୬୧

**କ୍ଷାନ୍ତ ହୁଅ... ତୁମେ ଶାନ୍ତ ହୁଅ**
ପ୍ରଶାନ୍ତ କୁମାର ଭୂୟାଁ ୬୪

**ଅଭୁଲା ତୁମ ମୁଖ**
ମୋନଜ କୁମାର ମୁଦୁଲୀ ୬୬

**ଗଙ୍ଗଶିଉଳୀ**
ପ୍ରତୀକ୍ଷା ଜେନା ୬୮

**ଭଡ଼ାଟିଆ ବରଯାତ୍ରୀ**
ରାଜେଶ୍ ମହାନ୍ତି ୬୯

ଶେଷ ସମ୍ବାଦ ୭୨

ବିଶେଷ ସୂଚନା ୭୩

ଧନ୍ୟବାଦ ଅର୍ପଣ ୭୫



# ସମ୍ପାଦକୀୟ

ସାହିତ୍ୟପ୍ରେମୀ ପାଠକ ପାଠିକା ମାନଙ୍କୁ ଅଭିନନ୍ଦନ ଜଣାଇ ଉପହାର ଦେଉଛି ଚଳିତ ମାସର ଆହ୍ବାନ ଇ-ପତ୍ରିକା ।

ଓଡ଼ିଆ ଭାଷା ସାହିତ୍ୟର ଅତୀତ ଯେତେ ଗୌରବମୟ ଥିଲା, ବର୍ତ୍ତମାନ ସେତିକି ମହାନ ରହିଛି ଏବଂ ଭବିଷ୍ୟତ ମଧ୍ୟ ଉଜ୍ଜ୍ବଳ ରହିବ ଏଥିରେ ଦ୍ବିମତ ନାହିଁ । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପରିକଳ୍ପେ ଅନେକ ଓଡ଼ିଆ ସଂଗଠନ ଆଗଭର ହୋଇ ଆସିଲେଣି । ଭାଷା ସମ୍ମିଳନୀକୁ ସୁଦୃଢ଼ କରିବାପାଇଁ ଅନେକ ସଭା ସମିତିର ଆୟୋଜନ ବି ହେଲାଣି । ଓଡ଼ିଆ ଭାଷାର ମାନ୍ୟତା ଏବଂ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ସଂଗୀତର ମର୍ଯ୍ୟାଦା ଦେବା ପାଇଁ ଅନେକ ଦିନରୁ ଦାବୀ ହୋଇ ଆସୁଛି । ଏବେ ଆମେ ଏହି ଆନ୍ଦୋଳନକୁ ଆଗକୁ ବଢ଼ାଇବାର ସମୟ ଆସିଛି । ଆସନ୍ତୁ ହାତକୁ ହାତ ମିଶାଇ ଆମେ ଆଗକୁ ବଢ଼ିବା ଆମ ମାତୃଭାଷାର ହୃତଗୌରବକୁ ପୁଣିଥରେ ଫେରାଇ ଆଣିବା ।

ସାହିତ୍ୟ ଓ ସତ୍‌ସାହିତ୍ୟ ଯୁଗ ଯୁଗରୁ ମାନବ ମନକୁ ଆନ୍ଦୋଳିତ କରି ଆସିଛି, ହେଲେ ଯୁଗ ବଦଳିବା ସହିତ ସାହିତ୍ୟରେ ଭିନ୍ନ ଭିନ୍ନ ଏକ୍ସପେରିମେଣ୍ଟ ବା ଗବେଷଣାତ୍ମକ ପରିବର୍ତ୍ତନମାନ ଆସିଛି । ଏହା ଫଳରେ ସାହିତ୍ୟ ସମୃଦ୍ଧ ହୋଇଛି, ଋଦ୍ଧିମନ୍ତ ହୋଇଛି । ସାହିତ୍ୟକୁ ଭଲ ପାଉଥିବା ଅନେକ ସାହିତ୍ୟିକ ଓ କିଛି ଅଣସାହିତ୍ୟିକଙ୍କ ମତଭେଦ ଫଳରେ ଯୁଗ ଯୁଗରୁ ସାହିତ୍ୟ ସହ ରାଜନୀତିର ଗଭୀର ସମ୍ପର୍କ ରହି ଆସିଛି । କବି ହୁଅନ୍ତୁ ବା ଲେଖକ, ଗବେଷକ ଅବା ସାହିତ୍ୟିକ ସମସ୍ତେ ସମ୍ମାନର ହକ୍‌ଦାର । ହେଲେ କିଛି ଅଣସାହିତ୍ୟିକ କଳେ ବଳେ କୌଶଳେ ଆଉ ବେଳେ ବେଳେ ଧନର ବ୍ୟବହାର କରି ଏହି ସମ୍ମାନକୁ ଆପଣେଇଛନ୍ତି । କହିବା ବାହୁଲ୍ୟ ସାହିତ୍ୟ ସଭାରେ ସମ୍ମାନ ଦିଆନିଆ ଏକ ବ୍ୟାପାର ହୋଇଯାଇଛି । ସେ ଗଣ୍ୟ ହୁଅନ୍ତୁ ବା ନଗଣ୍ୟ, ସମସ୍ତେ ମାନିବେ ଯେ ସମ୍ମାନ ପାଇବା ପାଇଁ ସେମାନେ ନିଜକୁ ତଳିତିଳାନ୍ତ କରି ପକାଇଛନ୍ତି । ଶ୍ରମ, ଅର୍ଥ ଓ ସମୟର ସଦୁପଯୋଗ ହେଉ ଅଥବା ଦୁରୁପଯୋଗ ହେଉ, ସମ୍ମାନ ପାଇବା ପାଇଁ କିଛି ଅଣ-ସାହିତ୍ୟିକ ନିଜକୁ ବିକ୍ରୀ କରିଦେଇଛନ୍ତି । ଏହା ଫଳରେ ସାହିତ୍ୟରେ ରଚି ରଖୁଥିବା ଲୋକମାନେ ଧିରେ ଧିରେ ସାହିତ୍ୟଠାରୁ ଦୂରେଇ ଯାଇଛନ୍ତି । ଉଚ୍ଚ ପଦବୀରେ ରହୁଥିବା ଲୋକମାନେ ଯାହା ଲେଖିଲେ

ତାହା ସାହିତ୍ୟ, ସେମାନଙ୍କୁ ସଭା ସମିତିରେ ସମ୍ମାନିତ କରାଯାଉଛି, ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ କରାଯାଉଛି । ଅଥଚ ସାହିତ୍ୟପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ କେହି ପଚାରୁନାହିଁ । ବଣମଲ୍ଲୀ ପରି ଅଣଦେଖା ହୋଇ ରହିଯାଉଛନ୍ତି ଏମିତି ଅନେକ ପ୍ରତିଭା । (ସାହିତ୍ୟରେ ରାଜନୀତିକୁ ନେଇ ଏକ ବିଶେଷ ଲେଖା ଏହି ସଂକଳନରେ ସ୍ଥାନ ପାଇଛି । )

ମହାନ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ବିଶ୍ବରେ ଅନନ୍ୟ । ସଦ୍ୟସମାପିତ ରଥଯାତ୍ରା ବା ଗୁଣ୍ଡିଚାଯାତ୍ରା ବା ଘୋଷଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ବିରଳ ପରମ୍ପରା ଯେଉଁଥିରେ ଭକ୍ତ ଓ ଭଗବାନ ଏକ ଓ ଅନନ୍ୟ ହୋଇ ରହିଯାଆନ୍ତି । ସେହି ପ୍ରକାରର ଏକ ବିରଳ ପରମ୍ପରାର ସୃଷ୍ଟି ଆମର ଏହି ପବିତ୍ର କଳିଙ୍ଗ, କଙ୍ଗୋଦ ବା ଉତ୍କଳ ଭୂଇଁରେ ହୋଇଥିଲା । ଜଗତକୁ ପାପ ଭାରରୁ ଉଦ୍ଧାର କରିବା, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମବେତ ଜନସମୁଦ୍ର ସହ ଏକାକାର ହୋଇଯିବାର ଏହି ଦୁର୍ଲଭ ପରମ୍ପରାର ଆମେ ଗର୍ବିତ ଦାୟାଦ । ଭେଦଭାବହୀନ ଜଗନ୍ନାଥ ସଂସ୍କୃତି ଏବଂ ଜଗନ୍ନାଥଙ୍କୁ ପ୍ରାଣକେନ୍ଦ୍ର କରି ଗଢ଼ି ଉଠିଥିବା ପବିତ୍ର ଉତ୍କଳୀୟ ସଭ୍ୟତାର ଆମେ ନୂତନ ପୀଢ଼ି ହୋଇଥିବାରୁ ଆମେ ଗର୍ବିତ ।

ସାହିତ୍ୟ ପତ୍ରିକା ପ୍ରକାଶନରେ ଅନେକ ବାଧା ଆସେ, ଲେଖା ସଂଗ୍ରହ ହେଉ ଅବା ସେ ସବୁକୁ ଟାଇପ୍ କରିବା ହେଉ ଅବା ସମସ୍ତଲେଖାକୁ ନେଇ ପୁସ୍ତିକା ପ୍ରକାଶନ କରିବା ହେଉ, ଏହି ସମସ୍ତ କାର୍ଯ୍ୟପାଇଁ ଆବଶ୍ୟକ ହୁଏ ଧୈର୍ଯ୍ୟ, ସାହାସ, ଅର୍ଥ, ସାମର୍ଥ୍ୟ ଓ ସର୍ବୋପରି ଅଧିକ ସମୟ । ଦୁର୍ଭାଗ୍ୟବଶତଃ ମୋର ବ୍ୟକ୍ତିଗତ ଏବଂ କିଛି ଚାକିରୀ ଜନିତ ସମସ୍ୟା ହେତୁ ଏହି ଇ -ପତ୍ରିକାକୁ ପ୍ରତ୍ୟେକ ମାସରେ ଛାପିବା ସମ୍ଭବ ହେଉନାହିଁ, ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ ସମସ୍ତ ପାଠକ ପାଠିକାମାନଙ୍କ ନିକଟରେ କ୍ଷମାପ୍ରାର୍ଥୀ ।

ଦୀର୍ଘ ଦୁଇ ମାସର ବ୍ୟବଧାନ ପରେ ପ୍ରକାଶିତ ହୋଇଛି ଆହ୍ବାନ । ଆଶା କରୁଛି ଏହି ସଂସ୍କରଣ ଆହ୍ବାନର ପ୍ରତ୍ୟେକ ସଂସ୍କରଣ ପରି ଆପଣ ମାନଙ୍କ ମନକୁ ପାଇବ ।

ଧନ୍ୟବାଦ ।

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



# ପୁରୀ : ନିଶାର୍ଦ୍ଧ - ବିଚିତ୍ର ଅତିଥି

ମନୋଜ ଦାସ

ଶେଷ ଦୀପ ଲିଭିଗଲେ ଜନପଦ ନଗରୀ ସର୍ବତ୍ର,
ବିଷ୍ଫାରିତ ନୟନରେ ତାରା ଓ ନକ୍ଷତ୍ର,
ଚାହିଁଥା'ନ୍ତି ହୋଇ ଠରାଠରି,
ବିଶେଷ ଅତିଥି ଜଣେ ବିଜେ ହେବେ ନୀଳାଚଳ ପୁରୀ ।

ସଂଗୋପନ ପ୍ରଦେଶରୁ ଧାବମାନ ସେ ଦିବ୍ୟ ଅସୁର
ଅତିକ୍ରମି ହିମାଚଳ, ସୁମେରୁ ସାଗର -
ପୂର୍ବଦିଗ ଗୋଲାପିତ ହେବାର ମୁହୂର୍ତ୍ତେ
ଲୀନ ହେବେ କାଳାବର୍ତ୍ତେ ପ୍ରତ୍ୟହ ପ୍ରଭାତେ ।

ଏ ମର୍ତ୍ତ୍ୟରେ ବନ୍ଦୀ ଦାରୁଦେବ -
କେଉଁ ବାର୍ତ୍ତା ପାଇଁ ଏତେ ରହନ୍ତି ଉଦ୍‌ଗ୍ରୀବ ?

ବାର୍ତ୍ତାବହ ବିଭୀଷଣ ଆଲୋକିତ ବିଶ୍ବର ବିବେକ
ଆସୁରିକ -ମାନବିକ ଚେତନାରୁ ଉତ୍ତୀର୍ଣ୍ଣ ସାଧକ,

ଅସଂପୂର୍ଣ୍ଣ ତଥା ମର-ଜଗତର ନାଥେ
କହିଥା'ନ୍ତି ରାତି ପରେ ରାତି,
ପୂର୍ଣ୍ଣତାର ଅଭିମୁଖେ, ଅମରତ୍ବ ଦିଗେ
ମାନବର ଦୈନନ୍ଦିନ ଦୁର୍ଗତି, ପ୍ରଗତି ।

(କିମ୍ବଦନ୍ତି କହେ, ପ୍ରତ୍ୟହ ନିଶୀଥରେ ବିଭୀଷଣ ଆସି ଜଗନ୍ନାଥଙ୍କୁ ଭେଟନ୍ତି  । )

ଓଡ଼ିଶାର ପ୍ରତିଷ୍ଠିତ କଥାକାର ଓ ସାହିତ୍ୟାକାର ଶ୍ରୀ ମନୋଜ ଦାସଙ୍କ ଅନୁମତି କ୍ରମେ ପ୍ରକାଶିତ



# ସାବଧାନ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦ୍ବନ୍ଦ ଓ କଳହର ନାହିଁ ଜାତି ଗୋତ୍ର
ଅକାରଣେ ତେଣୁ ଏହା ବିଜିତ ସର୍ବତ୍ର ।

ଆନମନା କରି ଜନେ କରେ କଳହର ଜାତ
ନିଜେ ନିର୍ମଳ କୁହାଇ ଅନ୍ୟକୁ ଦେଖାଇ ହାତ ।

କଳହ ଆଣେ ଦୁର୍ଦ୍ଦଶା, ମନସ୍ତାପ ଓ ହତାଶ
ଚିରଦିନ ବନ୍ଧୁତ୍ବକୁ କରାଏ କ୍ଷଣରେ ନାଶ ।

କ୍ରୋଧ ଭାବପ୍ରବଣତା ଦିଏ ଜନେ ହିଂସ୍ର ଆଚରଣ
ସ୍ନେହି ବନ୍ଧୁମାନଙ୍କରେ ଲଗାଏ ସେ ଅକାରଣେ ରଣ ।

ଆମେ ଭାଇ ଏକ ଜାତି, ଏକ ଭାଷା ରଜ୍ଜୁରେ ସଂଯୁକ୍ତ
ସର୍ଭିଙ୍କ ଧମନୀରେ ଚାଲେ ସେଇ ଏକା ଓଡ଼ିଆର ରକ୍ତ ।

ବନ୍ଦ ହେଉ ହିଂସା ଆଚରଣ, ଦୁର୍ଭାଷାର ଅତ୍ୟନ୍ତ ପ୍ରୟୋଗ
ହାତ ବଢ଼ାଅ, କାନ୍ଧରେ କାନ୍ଧ ମିଶାଅ, ଆସ କର ସହଯୋଗ ।

ଶାନ୍ତି, ମୈତ୍ରୀ, ପ୍ରେମ ହେଉ ଅସ୍ତ୍ର ବନ୍ଧୁତ୍ବର
ଦେଖୁ ଏ ଜଗତ, ନାଇଁ ଆମ ସମ ଭାଇ ସହୋଦର... ।



# ତୁ ଝିଅଟିଏ ବୋଲି...

ଦୟାନିଧି ଦାଶ

ତୋର ଯିବା ଆସିବା
ଚୋର-ପୁଲିସିର ଖେଳ-
ଧରାପଡ଼ିଗଲେ ଆସିଯାଏ କାଳ,
କେଇଟା ବଟିକାରେ ଅବା
କେଉଁ କଂସେଇର ଫୋରସେପ୍
କଇଁଚିରେ ସରିଯାଏ ଖେଳ -
ତୋ ବାପା ମାଆଙ୍କ ସ୍ବଇଚ୍ଛାରେ....
ତୁ ଝିଅଟାଏ ବୋଲି !!

ଆଉ ଯଦି ନ ପଡ଼ିଲୁ ଧରା
ତୋ କୁଆଁ କୁଆଁ ପ୍ରଥମ ସ୍ବରଟା
ଚିଆଁ ଦିଏ ଆପଣାର ଜନେ
ମନ ଲାଗେ ଖଟା,
ଭାବି ତତେ କଣ୍ଟା...
ସତର୍କରେ ଛାଡ଼ିଦିଅନ୍ତି
ଡ଼ାକ୍ତରଖାନା ବାରନ୍ଦା ଅବା ମନ୍ଦିରରେ
କିମ୍ବା ବହୁକଷ୍ଟ କରି ଫିଙ୍ଗି ଦିଅନ୍ତି
କେଉଁ ନାଳ ନର୍ଦ୍ଦମାରେ-
ଆଉ କେହି ଦୟାବାନ୍ ଟେକି ଦିଅନ୍ତି
ତୋତେ ଅନାଥାଶ୍ରମରେ...
ତୁ ଝିଅଟିଏ ବୋଲି !!

ଆଉ କେହି ନିଅନ୍ତି କୋଳେଇ
ବାତ୍ସଲ୍ୟ ମମତାରେ ଜଡ଼ାଇ,
ବଡ଼ ହେଲେ, ବୋଝ ବୋଲି କହି
ଖୋଜି ଚାଲନ୍ତି ମନଲାଖି ପାତ୍ରଟିଏ ପାଇଁ
'ମାଟି କଳସୀ' କହି ତୋତେ
ଟଣାଯାଏ ଲକ୍ଷ୍ମଣରେଖା-
ଭଲ ପାଇବାକୁ ପାପ କୁହାଯାଏ,
ସ୍ୱପ୍ନ ଦେଖିବାକୁ ମନା କରାଯାଏ-
ସଂସାର ନିୟମ ବୁଝାଇ-
ଆପଣାଇବାକୁ ଆସିଥିବା ଲୋକଙ୍କ
ସାମ୍ନାକୁ, ସରବତ ହାତେ ଦିଅନ୍ତି ପଠାଇ
ତୁ ଝିଅଟିଏ ବୋଲି !!

ତୋ'ର ରୂପଗୁଣ ବଛାବଛି ବେଳ ଇଏ
ବଜାର ଜିନିଷ ଭଳି ମୂଲଚାଲ ସରେ
ଦଶଦିଗ ସାକ୍ଷୀ ରଖି-
ଶାଢ଼ୀ-ଶଙ୍ଖା-ସିନ୍ଦୁର-କଜ୍ଜଳ ନାଇ
କୁମାରୀତ୍ୱକୁ ବାଜି ରଖି
ପରକୁ ଆପଣା - ଆପଣାକୁ ପର
କରିବାକୁ ବାଧ୍ୟ କରାଯାଏ....
ତୁ ଝିଅଟିଏ ବୋଲି !!!

ତୁ ଶାଶୁଘର ଯାଉ...
ଭଲ ମନ୍ଦ- ମାନ ଅପମାନ
ଅବା ନିନ୍ଦା ଗାଳି-

ଦେହେ ସବୁ ବୋଲି,

ଗୋଟାଏ ମାତୃତ୍ବର ଆନନ୍ଦ ପାଇଁ

ହେଉ ତୁ ପାଗଳୀ...

ଦୁନିଆର ବଡ଼ କଷ୍ଟକୁ ଆବୋରି...

ତୁ ଝିଅଟିଏ ବୋଲି !!!

ମହିଳା ସଶକ୍ତିକରଣର

ଡିଣ୍ଡିମ ପିଟା ବଡ଼ପଣ୍ଡାମାନେ

ଆହା ଆହ କରିଥାନ୍ତି...

ତୋର ସବୁକିଛି ଚାଲିଗଲାପରେ ।

କେବେ କେବେ ବୁଡ଼ିଯାଉ-

ଦାରିଦ୍ର୍ୟ ନଈରେ,

ଅବା କେବେ ଜଳିଯାଉ-

ଯୌତୁକ ଯୁଇରେ...

ଆଉ କେବେ ବିକ୍ରୀ ହେଉ

ପଣଦ୍ରବ୍ୟ ପରି,

କେବେ ପୁଣି କଳଙ୍କିନୀ ଟିକା ପିନ୍ଧି

ବୁଲୁ ଘିରି ଘିରି...

ମାଆଲୋ ତୁ କେବଳ

ଝିଅଟିଏ ବୋଲି !!!



# ମାନବବାଦର ଯାତ୍ରା : ରଥଯାତ୍ରା

ହେନେରୀତା ମିଶ୍ର (ପଣ୍ଡା)
ଗବେଷିକା (ଶ୍ରୀଜଗନ୍ନାଥ ସଂସ୍କୃତି), ଦୁବାଇ (ମଧ୍ୟପ୍ରାଚ୍ୟ)

"ଅଦୋଯଦ୍ଦାରୁପ୍ଲବତେ ସିନ୍ଧୋପାରେ ଅପୁରୁମେୟମ୍
ତଦାରଭସ୍ବ ଦୁର୍ହଣୋ ତେନଗଚ୍ଛ ପରସ୍ତରମ୍ ।
(ଋକ୍ ବେଦ - ଦଶମ ସୁକ୍ତ)

ଶ୍ରୀ ଜଗନ୍ନାଥ ଉତ୍କଳର ଇଷ୍ଟ ଦେବତା ଓ ରାଷ୍ଟ୍ର ଦେବତାର ମାନ୍ୟତା ପ୍ରାପ୍ତ ହେବା ନୂଆ କଥା ନୁହେଁ । କଳିଙ୍ଗ ଭଳି ଗୋଟିଏ ବିରାଟ ସାମରିକ ଜାତିର ସାମଗ୍ରିକ ମାନସିକତା ତାଙ୍କରିଠାରେ ନିହିତ ହୋଇଛି । ଉତ୍କଳର ଭାବଧାରା, ଚିନ୍ତାଧାରା, ଆବେଗ, ବିଶ୍ବାସ, ସର୍ଜନଶୀଳତା, ପରମ୍ପରା, ପୂରୋଦୃଷ୍ଟି, ପୁରାକଥା (Myth), କିମ୍ବଦନ୍ତୀ, ଲୋକକଥା, ଜନଶ୍ରୁତି, ଭୂତ, ଭବିଷ୍ୟ, ବର୍ତ୍ତମାନ, ଚାଲି ଚଳଣି, ଆଚାର ବ୍ୟବହାର, ସ୍ମୃତି, ସ୍ବପ୍ନ ଓ ସଂସ୍କାର ବିଶ୍ବାସ ତାଙ୍କରିଠାରେ ପ୍ରତିଫଳିତ ହୋଇଛି । ବାସ୍ତବିକ ଓଡ଼ିଶା ଦେବ ଦେବ ଶ୍ରୀ ଜଗନ୍ନାଥଙ୍କ ଲୀଳାକ୍ଷେତ୍ର । ଏଣୁ ଓଡ଼ିଶାର କୋଣେ ଅନୁକୋଣେ ମହାପ୍ରଭୁଙ୍କ ମହିମା ବିଚ୍ଛୁରିତ । ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ରୂପେ ଶ୍ରୀ ଶ୍ରୀ ମହାପ୍ରଭୁଙ୍କ ପରିଚିତି । ଇତିହାସ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ପରିସ୍ଥିତିର ସଙ୍କଟାବସ୍ଥା ସମୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଚେତନା ଉପଲବ୍ଧ ।

ଗୌରବମୟ ଡ଼ିଶା ତା'ଚିନ୍ତା ଓ ଚେତନାର ପ୍ରତିଭୂ ଶ୍ରୀ ଜଗନ୍ନାଥଙ୍କୁ ନେଇ ଗର୍ବିତ । କେଉଁ ଏକ ଅନାହୁତ ଆକର୍ଷଣରେ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି, କୋଟି କୋଟି ପ୍ରାଣର ଦେବତା । କହିବା ବାହୁଲ୍ୟ ଏତିକି ଯେ, ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓଡ଼ିଶାର ଆଧ୍ୟାତ୍ମିକ ଆକାଶର ଧ୍ରୁବତାରା ସଦୃଶ । କାଳଜୟୀ ଐତିହ୍ୟର ସ୍ମାରକୀ ବୋଲାଉଥିବା ଭାରତ ଭଳି ଏକ ବିଶାଳ ଭୌଗଳିକ ଉପଖଣ୍ଡରେ ଓଡ଼ିଶା ଏକ ଗୌରବମୟୀ ଅଂଶବିଶେଷ । ଅତୀତର ଓଡ଼ିଶା, କଳିଙ୍ଗ, କଙ୍ଗୋଦ, କୋଶଳ, ଉଡ୍ରଦେଶ, ଉତ୍କଳ ଆଦି ନାମରେ ଖ୍ୟାତ ଥିଲା । ଉତ୍କୃଷ୍ଟ କଳାର

ଦେଶ ଭାବରେ ବିଶ୍ବ ଦରବାରରେ ପରିଚିତି ପାଇଥିଲା । ସମଗ୍ର ବିଶ୍ବକୁ ଓଡ଼ିଶାର ମହାର୍ଘ୍ୟଦାନ ହେଲା ଶ୍ରୀ ଜଗନ୍ନାଥ ସଂସ୍କୃତି । ଶ୍ରୀ ଜଗନ୍ନାଥ ହିଁ ଏହାର ପ୍ରାଣ ସର୍ବସ୍ବ ।

ଶ୍ରୀ ଜଗନ୍ନାଥ ଏକ କାଠଗଢ଼ା ଦେବତା ନୁହନ୍ତି, ସେ ଏକ ଦର୍ଶନ, ଏକ ମହତ୍ତର ଚେତନା ଏବଂ ଏକ ଅନାବିଳ ଭକ୍ତି ସିକ୍ତ ଆଦର୍ଶ ଅନୁଷ୍ଠାନ । ଯାହାକୁ ପାଥେୟ କରି ପ୍ରତ୍ୟେକଟି ଓଡ଼ିଆ ପ୍ରାଣ ଗର୍ବକରେ, କୃତଜ୍ଞ ହୁଏ ଏବଂ ଭକ୍ତିରେ ମଥାନତ କରେ ।

ଏକ ଆଦିବାସୀ ଅଧ୍ୟୁଷିତ ରାଜ୍ୟ ଭାବରେ ଓଡ଼ିଶାର ଖ୍ୟାତି । ଶ୍ୟାମାୟିତ ଉପବନରେ ଆଚ୍ଛାଦିତ ଓଡ଼ିଶାର ଭୌଗଳିକ ପରିବେଶ ଖୁବ୍ ରମଣୀୟ । ଏହି ରମଣୀୟତାର ଅଧୀଶ୍ବର ସ୍ବୟଂ ଲୀଳାମୟ ପୁରୁଷୋତ୍ତମ ଜଗନ୍ନାଥ ।

'କପିଳ ସଂହିତା' ମଧ୍ୟ ଏହାର ପ୍ରଶସ୍ତି ଗାଇବାକୁ ଯାଇ କହିଉଠେ :

'ଭାରତେଚୋତ୍କଳ ଦେଶେ ଭୂସ୍ବର୍ଗେ ପୁରୁଷୋତ୍ତମ<br>ଦାରୁରୂପୀ ଜଗନ୍ନାଥ, ଭକ୍ତାନାମ୍ ଭୟପ୍ରଦଃ । '

ଦାରବୀୟ ସଂସ୍କୃତିର ପ୍ରାଣପ୍ରତିମ ଦେବତା ଅଧୁନା ଆର୍ଯ୍ୟ ଓ ଅନାର୍ଯ୍ୟର ସମନ୍ବିତ ବିଗ୍ରହ ସାଜି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ରୂପରେ ପୂଜିତ ହେଉଛନ୍ତି । ସମସ୍ତ ସଂକୀର୍ଣ୍ଣତାର ଉର୍ଦ୍ଧ୍ବରେ ରହି ମହାପ୍ରଭୁ ବିଶ୍ବ ଦରବାର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓଡ଼ିଶା ସହିତ ଏଭଳି ଭାବେ ଅସ୍ଥିମଜ୍ଜା ହୋଇଯାଇଛନ୍ତି, ତାହା ଅନୁଭବର ବିଷୟ ମାତ୍ର । ବୋଧ ହୁଏ, ଶ୍ରୀ ଜଗନ୍ନାଥଙ୍କ ବ୍ୟତିରେକ ଓଡ଼ିଶାର ବର୍ଣ୍ଣନା କରିବା ଅସମ୍ଭବ ହୋଇପଡ଼ିବ । ଯୁଗେ ଯୁଗେ ଭକ୍ତବତ୍ସଳ ଭାବଗ୍ରାହୀ ଧର୍ମର ସଂସ୍ଥାପନା ଅର୍ଥେ ଅବତରିଥାନ୍ତି, ମର୍ତ୍ତ୍ୟରେ । 'ବିଶ୍ବାସେ ମିଳନ୍ତି ହରି : ତର୍କେ ବହୁଦୂର' ନ୍ୟାୟରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହିମା ଅନୁଭବ୍ୟ । ରହସ୍ୟମୟଙ୍କ ଲୀଳା ଅନନ୍ୟ । କେତେ ତାଙ୍କ ସ୍ବରୂପ ଯିଏ, ଯେଉଁଭଳି ଭାବରେ ତାଙ୍କୁ ଡ଼ାକିଛି, ସେ' ସେଭଳି ଭାବରେ ତା'ପାଖରେ ଉଦ୍‌ଭାସିତ ହୁଅନ୍ତି । ତେଣୁ ତ' ସେ ହେଉଛନ୍ତି ଜଗତର ନାଥ, ଜଗନ୍ନାଥ ଦେବତା ।

ଶ୍ରୀ ଜଗନ୍ନାଥ ମହାପ୍ରଭୁ ବାସ୍ତବରେ ଓଡ଼ିଆପ୍ରାଣର, ଚିନ୍ତା ଓ ଚେତନାର ଉତ୍ତରଣ ତଥା

ଏକ ଅନବଦ୍ୟ ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀ ଶ୍ରୀ ମହାପ୍ରଭୁ ଜଗନ୍ନାଥ ସକଳ ଅବତାରର ଜନକ, ସେ ଅବତାରୀ ପୁରୁଷ - ପୁରୁଷୋତ୍ତମ ସ୍ବରୂପ ।

'ଯଥା ଦେହେ : ତଥା ଦେବେ' ନ୍ୟାୟରେ ତାଙ୍କ ପରମ ପାବନୀ ରଥଯାତ୍ରାର ପରିକଳ୍ପନା । ଶ୍ରୀ ଜଗନ୍ନାଥଙ୍କୁ ଉପଜୀବ୍ୟ କରି ଗଢ଼ି ଉଠିଥିବା - ଶ୍ରୀ ଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତି । ଯାହାକୁ ପ୍ରମାଣ କରିବାକୁ ଯାଇ, ଗବେଷକ ତଥା ଅଧ୍ୟାପକ ପ୍ରଭାତ ମୁଖାର୍ଜୀ କହିଛନ୍ତି; -

"Though Jagannath was a Vaisnabite deity, the form of his worship was practically affected as a result of Buddhist, Saivite, Tantrik influenced. He is conceived as Buddha, Siva and even as Bhairab."

(-History of Medieval Baishnavism in Orissa)

ଏଥିରୁ ସ୍ପଷ୍ଟ ଅନୁମେୟ ଯେ' ଶ୍ରୀ ଜଗନ୍ନାଥ ସକଳ ଆର୍ଯ୍ୟ ଓ ଅନାର୍ଯ୍ୟର ଧର୍ମଶାଖା । ଅତୀତରେ ଅନେକ ଧର୍ମ ସ୍ବ ସ୍ବ ଆଦେଶରେ ମହାପ୍ରଭୁଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛି । ମାତ୍ର ପ୍ରଭୁ ଜଗନ୍ନାଥ ସଂସ୍କୃତିର ବ୍ୟାପକରାରେ ସ୍ବଧର୍ମ ପାଶୋରୀ ଯାଇ ସମସ୍ତ ଦର୍ଶନ ତାଙ୍କରିଠାରେ ଏକୀଭୂତ ହୋଇ ଯାଇଛନ୍ତି । ଭିନ୍ନତା ମଧ୍ୟେ ଐକ୍ୟ ହିଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ଆଭିମୁଖ୍ୟ□ କହିରଖେ ଯେ' ସଂସ୍କୃତି ହେଉଛି ମନୁଷ୍ୟର ଉନ୍ନତି ନିମିତ୍ତ ଅଭିପ୍ରେତ ଚେତନାଟିଏ□ ଆହୁରି ବ୍ୟାପକ ଭାବରେ କହିଲେ ଏକ ନିର୍ମଳ ମାନସିକତାଟିଏ, ଯାହାକୁ ପାଥେୟ କରି ସଭ୍ୟତା ହୁଏ ପରିମାର୍ଜିତ । ସଂସ୍କୃତି, ସଭ୍ୟତା, ପରମ୍ପରା ଓ ଆଦର୍ଶର ଚାରିସ୍ତମ୍ଭ ଉପରେ ସମାଜ ରୂପୀ ସୌଧ ଦଣ୍ଡାୟମାନ । ତେଣୁ କୁହାଯାଇଥାଏ, ଯେଉଁ ଦେଶର ସଂସ୍କୃତି ଯେତେ ଶୃଙ୍ଖଳିତ ଓ ସୁସଂଜତ; ତା'ର ଇତିହାସ ଓ ବର୍ତ୍ତମାନ ସେତେ ସଭ୍ୟ ଓ ପରିମାର୍ଜିତ । ଏ ଦୃଷ୍ଟିରୁ ବିଚାର କଲେ ଏକ ମହତ୍ତର ଚେତନାର ବାର୍ତ୍ତାବହ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି ।

ସକଳ ଜନମାନସକୁ ତାରିବା ନିମିତ୍ତ ମହାପ୍ରଭୁ ଜଗନ୍ନାଥ ତାଙ୍କ ରଥ ଯାତ୍ରାର ଭିଆଣ କରିଥାନ୍ତି । ଏହି ଭୁବନବିଦିତ୍ତ ଯାତ୍ରା, ରଥଯାତ୍ରା ବା ଘୋଷଯାତ୍ରା ହେଉଛି ବାସ୍ତବରେ

ମାନବିକତାର ଜୟଯାତ୍ରା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସେହି ଅମୃତମୟଙ୍କ ସୃଷ୍ଟି, ଏହାହିଁ ରଥଯାତ୍ରାର ମୂଳ ଆଭିମୁଖ୍ୟ । ଶ୍ରୀ ଜଗନ୍ନାଥ ହିଁ ଏହାର ସୂତ୍ରଧର । ଯାହାର ସ୍ବୀକାରୋକ୍ତି ଶାସ୍ତ୍ର ବି ବହନ କରିଥାଏ, ଯଥା :-

‘ଅହଂ ନିଜ ପରବେତି ଗଣନାଂ ଲଘୁଚେତାସାମ୍

ଉଦାର ଚରିତାନାଂ ତୁ ବସୁଧେବ କୁଟୁମ୍ବକମ୍ । ’

ସମଗ୍ର ବସୁଧା ହିଁ କୁଟୁମ୍ବ ସଦୃଶ, ଏଭଳି ଏକ ମହତ୍ତର ଚେତନାର ବାର୍ତ୍ତାବହ ସାଜିଛି ଶ୍ରୀ ଜଗନ୍ନାଥ ସଂସ୍କୃତି । ‘ମାନବର ସେବା ହିଁ ମାଧବର ସେବା । ’ ହିଁ ଏହାର ମୂଳମନ୍ତ୍ର । ଶ୍ରୀ ଜଗନ୍ନାଥଙ୍କୁ ଉପଜୀବ୍ୟ କରି ଗଢ଼ିଉଠିଥିବା ସଂସ୍କୃତି, ମହତ୍ତୀଭାବ ଓ ଚେତନାର ଉଦ୍‌ଘୋଷକ । ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଲୀଳା, ଅନେକ ତାଙ୍କ ସ୍ବରୂପ । ରହସ୍ୟମୟ ପୁରୁଷୋତ୍ତମଙ୍କ ଲୀଳାର ଆଦି, ଅନ୍ତ, ସ୍ବୟଂ ଦେବଗଣ ପାଆନ୍ତି ନାହିଁ । ସେହି ଯୋଗଜନ୍ମା, ପରମାନନ୍ଦ ମାଧବ କେତେ ରୂପରେ, କେତେ ଭାବରେ ଅବତରୁଥାନ୍ତି । ନଚେତ୍ କଣ ମହାପ୍ରଭୁ ଜଗନ୍ନାଥ ଶବରର ଭକ୍ତିକୁ ଆଦରି ଶିଳାଗହ୍ବରରେ ପୂଜିତ ହୋଇଥାନ୍ତେ ନା ଆମ୍ଭର ପରମପୁରୁଷ ଅଚିନ୍ତ୍ୟ ପୁରୁଷୋତ୍ତମ ଭାବରେ ଶ୍ରୀକ୍ଷେତ୍ରକୁ ଚାଲି ଆସିଥାନ୍ତେ ?? ସବୁ ସେହି ଲୀଳାମୟଙ୍କ ଇଚ୍ଛା । ଭାବର କିଙ୍କର ଜଗନ୍ନାଥ, ନିର୍ମଳ ଭାବ ଟିକକକୁ ଆଦରିଥାନ୍ତି । ଯେ ଯେଉଁଭଳି ଭକ୍ତିରେ ତାଙ୍କୁ ଦର୍ଶନ କରିବାକୁ ଚାହେଁ, ସେ’ ସେହି ସ୍ବରୂପରେ ଅବତରି ଆସନ୍ତି । କେତେବେଳେ ଶବର (ଅନାର୍ଯ୍ୟ)ର ଶବରୀନାରାୟଣ ‘ନୀଳମାଧବ’ ତ ଆଉ କେତେବେଳେ ଶୈବଙ୍କ ଶିବ, ବୌଦ୍ଧଙ୍କ ବୁଦ୍ଧ ଏବଂ ଜୈନଙ୍କ ଜୀନ ଭାବରେ ଉଦ୍‌ଭାଷିତ ହୁଅନ୍ତି ।

ଭକ୍ତ ଭାବଗ୍ରାହୀ କାଳିଆ ଠାକୁରଙ୍କ ଲୀଳା ସତରେ ଅନନ୍ୟ । ସେ ଲାଗି ତ ସେ ପରମ ପାବନୀ ଘୋଷ ଯାତ୍ରାର ଭିଆଣ ହୋଇଥାଏ । କହିବା ବାହୁଲ୍ୟ ଏହିକି ଯେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଯାତ୍ରା ରଥ ଯାତ୍ରା ସତେ ଯେପରି ମାନବବାଦର ଯାତ୍ରା । ଏକ ମହନୀୟ ଚିନ୍ତା ଓ ଚେତନାର ଯାତ୍ରା । ଯାହାର ଆଗମନରେ ସମସ୍ତ ସଂକୀର୍ଣ୍ଣତାର ଅନ୍ତ ଘଟେ । ଚେତନାର ଉତ୍ତରଣ ହିଁ ମାନବକୁ ମହାମାନବରେ ପରିଣତ କରାଏ । ତାହାର ସଫଳ ରୂପାୟନ ହେଉଛି ଘୋଷଯାତ୍ରା । ଯାହାର ସ୍ବୀକାରୋକ୍ତି ‘ଇନ୍ଦ୍ରନୀଳମଣି ଗ୍ରନ୍ଥ’ରୁ ଅନୁଭବ୍ୟ:-

'ଆଷାଢ଼ସ୍ୟ ମଳପକ୍ଷେ ଦ୍ବିତୀୟା ପୁଷସଂଯୁକ୍ତେ
ଚରାଚର ହିତାର୍ଥାୟ ଘୋଷଯାତ୍ରା ବିଧିୟତେ ।'

ପ୍ରଥମରୁ କହିରଖିଛେ, ଯେ ଜଗନ୍ନାଥ ସଂସ୍କୃତି, ଗଣ ସଂସ୍କୃତି । ସକଳ ମାନବଜାତିର କଲ୍ୟାଣ ନିମିତ୍ତ ଏ ନନ୍ଦିଘୋଷ ଯାତ୍ରାର ସୃଷ୍ଟି । ତାହାକୁ ଅଚିରେ ପ୍ରମାଣ କରିଛନ୍ତି ମହାପ୍ରଭୁ ଜଗନ୍ନାଥ । 'ନୀଳାଦ୍ରି ମହୋଦୟ' ଭଳି ପବିତ୍ର ଗ୍ରନ୍ଥଠାରୁ ଆରମ୍ଭ କରି ପୁରାଣ, ସଂହିତା ପର୍ଯ୍ୟନ୍ତ, ଭୁବନବିଦିତ ରଥଯାତ୍ରାର ପ୍ରଶସ୍ତି ଦେଖିବାକୁ ମିଳେ । ସକଳ ଜାତି ପ୍ରଥାର ଉର୍ଦ୍ଧ୍ବରେ ରହି ଏକ ଓ ଅଭିନ୍ନ, ଅମୃତମୟତାକୁ ଉପଲବ୍ଧି କରିବା ହିଁ ରଥଯାତ୍ରାର ଆଭିମୁଖ୍ୟ । ଯେଉଁଠି ଭକ୍ତ ଓ ଭଗବାନ ଏକ ଓ ଅନନ୍ୟ ସତ୍ତା । ଡକ୍ଟର ବେଣୀମାଧବଙ୍କ ଠାରୁ ଆରମ୍ଭ କରି ଡଃ ନବୀନ କୁମାର ସାହୁଙ୍କ ଭଳି ଗବେଷକ; ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଓଡ଼ିଶାର ଏକ ଅନନ୍ୟ ସଂସ୍କୃତି ଭାବେ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଇନାହାନ୍ତି । ଏ ସଂପର୍କରେ ଡଃ ସାହୁ ମହୋଦୟ ତାଙ୍କ ଉଲ୍ଲେଖ୍ୟ 'History of Odisha' ଗ୍ରନ୍ଥରେ କୁହନ୍ତି :-

'The very origin of Jagannatha Proclaims him not the less than the god of Brahmins, than the low caste aboriginal races.'

ଆଜିର ସନ୍ତ୍ରାସବାଦର ଯୁଗରେ, ଆଧ୍ୟାତ୍ମିକ ଉତ୍ତରଣ ଯେ ମନୁଷ୍ୟକୁ ଶୃଙ୍ଖଳିତ କରିବ, ସୁସଂଜତ କରି ଗଢ଼ି ତୋଳିବ ସେ ଦୃଢ଼ ମାନସିକତା ନେଇ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଜ୍ଞାପନ କଲି ।

ଜୟ ଜଗନ୍ନାଥ ।



# ମୋ ଭ୍ରମଣ କାହାଣୀ (ଭାଗ-୫ ମୁମ୍ବାଇ)

ପ୍ରଶାନ୍ତ କୁମାର ଭୂୟାଁ

'ଗେଟୱେ ଅଫ୍ ଇଣ୍ଡିଆ' ଏବଂ 'ତାଜମହଲ୍ ପେଲେସ୍' ହୋଟେଲ୍ ଦେଖିବା ପରେ ମୁଁ ଏବଂ ନୀଲୁ ପୁଣିଥରେ ଝାମ୍ପିପଡ଼ିଲୁ ବମ୍ବେର ରଙ୍ଗବିରଙ୍ଗ ମାନଚିତ୍ରଟା ଉପରେ । ବମ୍ବେ କୁ ବୁଲି ଦେଖିବାର ଅଦମ୍ୟ ଆଗ୍ରହ ସତେ ଯେପରି ଏସବୁ ଗୋଟିଏ ଦିନରେ ଦେଖିଯିବାର ମୋହ ଆମକୁ ଗ୍ରାସ କରିବସିଥିଲା ।

ଏବେ ସବୁ ଦେଖାଶୁଣା କରିବାପରେ ଆମେ ଠିକ କଲୁ ଯେ ଏଥର ଆଉ କିଛି ଦର୍ଶନୀୟ ସ୍ଥାନ ବୁଲି ଦେଖିବୁ । ଆମର 'ବକେଟ ଲିଷ୍ଟ୍'ରେ କିଛି ନୂଆଁ ଜାଗା ଲେଖାଗଲା । ସେଗୁଡ଼ାକ ହେଲା :

୧. ପ୍ରିନ୍ସ ଅଫ୍ ୱେଲ୍ସ ମ୍ୟୁଜିୟମ୍

୨. ଟାୱାର୍ ଅଫ୍ ସାଇଲେନ୍ସ

୩. ହ୍ୟାଙ୍ଗିଙ୍ଗ୍ ଗାର୍ଡେନ୍ସ

୪. ଜୁହୁ ଚୌପାଟି ସମୁଦ୍ରକୂଳ

୫. ଚୋର୍ ବଜାର

ଏଇମିତି ଲେଖା ଚାଲିଥିବା ସମୟରେ ନାନୀ ଆସି ଖାଇବାକୁ ଡ଼ାକିଲେ । ସେ ପଚାରିଲେ, 'କଣ ସବୁ ରିସର୍ଚ୍ଚ ଚାଲିଛି ?'

ମୁଁ କହିଲି, 'ନାଇଁ ମ ନାନୀ, ବକେଟ ଲିଷ୍ଟକୁ ଟିକେ ଲମ୍ବା କରୁଛୁ । '

'ବକେଟ୍ ଲିଷ୍ଟ ? ଆରେ ସେଇଟା ପୁଣି କଣ ?' ନାନୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ମୋ ଉତ୍ତରରେ ମୁଁ ତାଙ୍କୁ ବୁଝେଇବାକୁ ଚେଷ୍ଟା କଲି :

ଇଂରାଜୀ ଭାଷାରେ ଗୋଟିଏ କଥା ଅଛି, 'କିକ୍ ଦି ବକେଟ୍ (ଅର୍ଥାତ୍ ବାଲ୍‌ତିକୁ ଲାତ ମାରିବା)' । ଏହା ସାଧାରଣତଃ ଜଣେ ବ୍ୟକ୍ତିର ମୃତ୍ୟୁକୁ ବୁଝାଇଥାଏ । ତେଣୁ 'ବକେଟ୍ ଲିଷ୍ଟ' ହେଉଛି ଏକ ତାଲିକା, ଯେଉଁଥିରେ ଜଣେ ମରିବା ଆଗରୁ ତା'ର ସବୁ ଇଚ୍ଛା ଲେଖିଥାଏ ଏବଂ ତାକୁ ପୂରଣ କରିବାକୁ ଚାହିଁଥାଏ ।

ସେଇମିତି ଆମେ ବମ୍ବେ ଛାଡ଼ିବା ପୂର୍ବରୁ କଣ କଣ ସବୁ ବୁଲି ଦେଖିବୁ ସେଇ ତାଲିକା ତିଆରି କରୁଛୁ ।

ନାନୀ ହସିଦେଇ କହିଲେ, 'ହଉ ଏବେ ଖାଇ ଦିଅ ପରେ ବସି ଲିଷ୍ଟ୍ କରିବ' ।

ରାତ୍ରୀ ଭୋଜନଟା ପୂରା ଓଡ଼ିଆ ଘର ଖାଇବା ଥିଲା । ଶୁଖିଲା ଭାତ, ଡ଼ାଲମା, କୋବି-ଆଳୁ ଭଜା, କଖାରୁ ବଡ଼ି, ପାମ୍ପଡ଼ । କି ସୁଆଦିଆ !

ମୁଁ ଓଡ଼ିଆ ବୋଲି ନୁହେଁ, ବରଂ ଓଡ଼ିଶାର ଖାଦ୍ୟ ପେୟ ପ୍ରତିମୋର ସର୍ବଦା ଅହେତୁକ ଆଗ୍ରହ ରହି ଆସିଛି । ଏମିତିକା ଛଅ ତିଅଣ ନ' ଭଜା କେଉଁଠି ପାଇବେ କହିଲେ ?

ଯାବତୀୟ ସାଜ ସରଞ୍ଜାମ ସକାଳ ପାଇଁ ଯୋଗାଡ଼ କରି ଆଲମୀରାରେ ଗୋଟିଏ କଡ଼କୁ ରଖିଲି । ସକାଳୁ ପୁଣି ଆରମ୍ଭ ହେବ ବମ୍ବେ ଅଭିଯାନ । ଶୟନ କକ୍ଷର ଝରକା ଦେଇ ବାହାରକୁ ଚାହିଁଲି, ଏପାର୍ଟମେଣ୍ଟର ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ବତୀ ଗୁଡ଼ିକୁ । ଧାଡ଼ିକି ଧାଡ଼ି ସବୁ ନୂଆ ନୂଆ ଆକାର ପ୍ରକାର ଦେଇ ଜଳିବା ଓ ଲିଭିବାରେ ଲାଗିଛନ୍ତି । ଏକ ପାଖିଆ ରାସ୍ତାରେ ଗୋଟିଏ ପଟେ ଧଳା ଆଲୁଅ ତ ଅନ୍ୟ ଧାରରେ ରଙ୍ଗବତୀର ମାଳ । ଲମ୍ବିଯାଇଥିବା ଅମାନିଆ, ଆନମନା ନଈଧାର ପରି । ମନଭିତରେ ଗାଁ ଓ ସହରର ପାର୍ଥକ୍ୟକୁ ବିଶ୍ଳେଷଣ କରୁଥିଲି । ଏଠି ସବୁ ଶୀଘ୍ର, ସମସ୍ତେ ବ୍ୟଗ୍ର, ବ୍ୟସ୍ତ ଓ ଆତୁର । କାହାପାଇଁ, କାହାର ସମୟ ନାହିଁ, ମୋ ଗାଁ କେତେ ଶାନ୍ତ, ସରଳ, ସୁନ୍ଦର ଓ କମନୀୟ । ଏହି ସହରରେ ଫେସନ ବିଳାସର ଫଗୁଆରା ଅଛି । ମୋ ଗାଁରେ ଜୀବନ ଅଛି, ବଞ୍ଚିବାର ରାହା ଅଛି । ଏଇମିତି ଭାବିଭାବି କେତେବେଳେ ଶୋଇପଡ଼ିଛି ତାହା ଜାଣିପାରିଲି ନାହିଁ । ସକାଳେ ପାଣି ପାଇପର ଉଚ୍ଛାଳ ଗର୍ଜ୍ଜନରେ ନିଦ ଭାଙ୍ଗିଲା ।

ଧଡ଼ପଡ଼ ହୋଇ ଉଠି, ନିତ୍ୟ କର୍ମ ସାରିଲି । ବମ୍ବେ ସହରିଆ ଜଳଖିଆ ପେଟେ ପୁରେଇଲି । ବମ୍ବେ ସହରିଆ ଜଳଖିଆଟାକୁ ବିଷଦ ଭାବରେ ବୁଝାଏ । ମୁଁ ଗଞ୍ଜାମରୁ ସେଠାକୁ ଯାଇଥିଲି । ଆମର ଏଠି ଜଳଖିଆ କହିଲେ ଆମେ ଏଣ୍ଡୁରି ପିଠା, ଚକୁଳି, ପୁରୀ ଓ ଚଣା ତରକାରୀ । କିନ୍ତୁ ବମ୍ବେ ଏକ ମହାନଗରୀ । ଆଧୁନିକ ବସନ ବ୍ୟସନ ସାଙ୍ଗକୁ ଖାଇବା ପିଇବାରେ ମଧ୍ୟ ବିଦେଶୀ ଛାପ । ଏଣୁ ସକାଳୁ ସକାଳୁ ପାଉଁରୁଟିରେ ବଟର ଲଗାଇ ଓ ତା'

ସାଙ୍ଗରେ ଫଳରସ ପିଇବାକୁ ପଡ଼ିଲା । ଏହାକୁ କାଳେ 'ହେଲ୍‌ଦି ଡ଼ାଏଟ୍' (ସ୍ବାସ୍ଥ୍ୟବାନ ଖାଦ୍ୟ) ବୋଲି କହନ୍ତି । ହେଉ ଯାହା କିଛି ମିଳିଲା ପେଟରେ ପକେଇ ବାହାରି ପଡ଼ିଲୁ । ବମ୍ବେ ସହର ବୁଲିବା ଆଉ ନୂଆ କିଛି ଦେଖିବା ।

ଲୋକାଲ ଟ୍ରେନର ଧକ୍କା ଖାଇ ଏବଂ ପରେ ଅଟୋରେ ବସି ବସି ଆମେ ପହଞ୍ଚିଲୁ ଏକ ସଂଗ୍ରହାଳୟରେ :

## ପ୍ରିନ୍‌ସ ଅଫ୍ ୱେଲ୍‌ସ ମ୍ୟୁଜିୟମ

ଏହି ସଂଗ୍ରହାଳୟକୁ ବର୍ତ୍ତମାନ ଛତ୍ରପତି ଶିବାଜୀ ବସ୍ତୁ ସଂଗ୍ରହାଳୟ ନାମ ଦିଆଯାଇଛି ।




୫୦୦୦୦ରୁ ଊର୍ଦ୍ଧ୍ବ ସଂଗ୍ରହ ଏଠାରେ ସଂରକ୍ଷିତ କରି ରଖାଯାଇଛି । ଜାନୁଆରୀ, ୧୦ ୧୯୨୨ ମସିହାରେ ପ୍ରତିଷ୍ଠିତ ଏହି ସଂଗ୍ରହାଳୟ ଦେଶର ଏକ ମୁଖ୍ୟ ସଂଗ୍ରହାଳୟ ଅଟେ । ୱେଲ୍‌ସର ରାଜକୁମାରଙ୍କ ସମ୍ମାନାର୍ଥେ ଏହାର ନାମକରଣ କରାଯାଇଥିଲା । ଏହି ସଂଗ୍ରହାଳୟ ଗେଟ ୱେ ଅଫ୍ ଇଣ୍ଡିଆ ନିକଟରେ ରହିଛି ।

ଏହା ଭିତରେ ବୁଲି ଭାରତ ଇତିହାସ ଓ ସଂସ୍କୃତିକୁ ଦେଖିବାକୁ ଅନ୍ୟୁନ ଦିନଟିଏ ଲାଗିଯିବ । ଆମେ କିନ୍ତୁ ଚାରି ଘଣ୍ଟାରୁ ଅଧିକ ସମୟ ଏହି ସଂଗ୍ରହାଳୟରେ ବିତାଇ ଦେଇଥିଲୁ । ବହୁତ ସୁନ୍ଦର ସାଜସଜ୍ଜା, ଆଲୋକ ଏବଂ ଅମୂଲ୍ୟ ସଂଗ୍ରହ ଦେଖି ବହୁତ ଖୁସି ଲାଗିଲା । ସେଠୁ ଫେରିଲୁ ଏବଂ ମୁହାଇଁଲୁ ଅନ୍ୟ ଏକ ଦର୍ଶନୀୟ ସ୍ଥାନକୁ ଯିବାପାଇଁ । ରାସ୍ତାରେ ଯେନତେନ ଟିକେ ଖାଇ ପକାଇଲୁ ଏକ ଭୋଜନାଳୟରେ । ଖାଇବାଟା ଅତ୍ୟୁତ୍ତମ

ନଥିଲା କିନ୍ତୁ ସତ କହିବାକୁ ଗଲେ ଏତେ ଖରାପ ମଧ୍ୟ ନଥିଲା ।

## ଟାୱାର୍ ଅଫ୍ ସାଇଲେନ୍ସ

ମାଲାବାର୍ ହିଲ୍ସ ଶିଖରଦେଶରେ ସ୍ଥିତ ଏହି ପାର୍ସୀ ମାନଙ୍କର ସ୍ବର୍ଗଦ୍ବାରଟି ୫୫ ଏକର ପରିମିତ ସ୍ଥାନରେ ରହିଛି । ଏହାକୁ 'ଦଖ୍ମୀ' ବୋଲି ମଧ୍ୟ କୁହାଯାଏ । କେବଳ ପାର୍ସୀ ଭାଷାଭାଷୀ ଲୋକମାନଙ୍କୁ ସେହି ଭିତରକୁ ଯିବାକୁ ଅନୁମତି ଥାଏ । ଏଠାକାର ଧାର୍ମିକ ପ୍ରଥା ଅତି ଆଚମ୍ବିତ । ପାର୍ସୀ ଧର୍ମରେ ମୃତ ଶରୀରକୁ ଦାହ କରାଯାଏ ନାହିଁ । କିମ୍ବା ଇସ୍ଲାମ ଧର୍ମ ପରି ମାଟିତଳେ କବର ଦିଆଯାଏ ନାହିଁ । ସେମାନେ ମୃତ ଶରୀରକୁ ଜଳାଇ ଦେଇ / ପୋତି



ଦେଇ / ଭସାଇ ଦେଇ ପଞ୍ଚମହାଭୂତର ଏହି ପରିବେଶକୁ ଅଶୁଦ୍ଧ କରିବାକୁ ଧର୍ମ ବିରୁଦ୍ଧ ବୋଲି ମନେ କରନ୍ତି । ଏହି ସ୍ଥାନଟି ଏକ ବଡ଼ କୂଅ ଭଳି ସ୍ଥାନଟିଏ । ଏହା ଭିତରେ ପୁରୁଷ, ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଅଲଗା ଅଲଗା ତିନୋଟି ବୃତ୍ତାକାର ଚଟାଣ ରହିଛି । ମୃତ ଶରୀରକୁ ଏହି ଶୁଦ୍ଧପୂତ ଭାବରେ ଏହି ଚଟାଣ ଉପରେ ରଖାଯାଏ । ସେହି ଶରୀରକୁ ସେଠାରେ ପୋଷା ଯାଇଥିବା ଗୃଧ୍ର / ଶାଗୁଣା ମାନେ ଆସି ଖାଇଥାନ୍ତି । ସେମାନେ ଏହି ବିଶ୍ବାସ ବି କରନ୍ତି ଯେ ମୃତ ଶରୀର ମଧ୍ୟ କାହାର କ୍ଷୁଧା ମେଣ୍ଟାଇଲେ ତାହା ନିଶ୍ଚିତ ରୂପେ ଏକ ପୂଣ୍ୟ ଅଟେ ।

ଏହିପରି ପ୍ରଥାକୁ ପରିବେଶବିତ୍ ମାନେ ମଧ୍ୟ ଅତିଉତ୍ତମ ବୋଲି କହନ୍ତି ।

ବର୍ତ୍ତମାନ ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ସୋସାଇଟି ଏବଂ ଜୋରାଷ୍ଟ୍ରିଆନ୍ ସଂପ୍ରଦାୟର ଲୋକ ଏକ ଶାଗୁଣା ପ୍ରଜନନ କେନ୍ଦ୍ର ବୋରିଭଲିରେ ଖୋଲିଛନ୍ତି । ଏହି କେନ୍ଦ୍ରରେ ଏହି ସ୍ବତନ୍ତ୍ର ଶାଗୁଣା ମାନଙ୍କୁ ରକ୍ଷଣା ବେକ୍ଷଣ କରାଯାଇଥାଏ ।

ମୃତ୍ୟୁପରେ ମଧ୍ୟ ଏହି ଶରୀରକୁ ଶୂନ୍ୟରେ ମିଳାଇବା ପାଇଁ ବିଭିନ୍ନ ଧର୍ମରେ ବିଭିନ୍ନ ପରମ୍ପରା ରହିଛି । କିନ୍ତୁ ଏହିଭଳି ପ୍ରଥାକୁ ହଠାତ୍ ମୁଁ ଗ୍ରହଣ କରି ପାରୁନଥିଲି । ହେଲେ ଏଥିରେ ମୋର କିଛି କହିବାର ନଥିଲା । କେହି ଏହାକୁ ନୃଶଂସତା କହୁଥିଲେ ତ କେହି ଏହାକୁ ମହାପୂଣ୍ୟ କହୁଥିଲେ ।

ସେଠାରୁ ଫେରିଲୁ ହ୍ୟାଙ୍ଗିଙ୍ଗ୍ ଗାର୍ଡେନ୍‌ସକୁ ।

## ହ୍ୟାଙ୍ଗିଙ୍ଗ୍ ଗାର୍ଡ଼େନ୍ (ଝୁଲନ୍ତା ଉଦ୍ୟାନ)

ମୃତ୍ୟୁର କରାଳ ଦୁନିଆରୁ ଫେରି ଆସିଲୁ ଏହି ସୁନ୍ଦର ଉଦ୍ୟାନକୁ । ମନପ୍ରାଣରୁ ଶଙ୍କା ଦୂର ହେଲା । ଧିରେ ଧିରେ ନିଜକୁ ନିଜେ ସଜାଡ଼ି ଦୁଇବନ୍ଧୁ ଚିନାବାଦାମର ଦୁଇଟି କୋନ୍ ଧରି ବଗିଚାର କାଠ ବେଂଚରେ ବସିପଡ଼ିଲୁ ।



ମାଲାବାର ହିଲ୍‌ସର ଗୋଟିଏ ପାର୍ଶ୍ବରେ ଅବସ୍ଥିତ ଏହି ଉଦ୍ୟାନକୁ ଫିରୋଜ ଶାହ ମେହେଟ୍ଟା ଗାର୍ଡ଼େନ୍‌ସ ନାମରେ ମଧ୍ୟ ଜଣାଯାଏ । ଏହି ଉଦ୍ୟାନଟି କମଳା ନେହେରୁ ପାର୍କର ଅପରପାର୍ଶ୍ବରେ ଅବସ୍ଥିତ । ବମ୍ବେର ପ୍ରଧାନ ଜଳସଂପଦ ଗୃହ ଉପରେ ଏହି ଉଦ୍ୟାନଟି ଥିବାରୁ ଏହାକୁ ଝୁଲନ୍ତା ଉଦ୍ୟାନ ବୋଲି କୁହାଯାଏ । ଏହି ଉଦ୍ୟାନର ମୁଖ୍ୟ ଆକର୍ଷଣ ହେଲା ବିଭିନ୍ନ ପ୍ରାଣୀଙ୍କ ଆକୃତିତ କଟା ହୋଇ ସଜା ହୋଇଥିବା ବୁଦା ସବୁ । କେଉଁଟା ହାତୀ ପରି ତ କେଉଁଟା ଓଟ ପରି । କେଉଁଠି ପ୍ରଜାପତିର ଆକାର ତ କେଉଁଠି ମୟୂରର ଆକୃତି । ଏକ ନୂତନ ସୃଷ୍ଟି । ଭଗବାନଙ୍କ ସୃଷ୍ଟ ଏହି ଗୁଳ୍ମ ଗୁଡ଼ିକ ମାନବ କଳ୍ପନାର ଆଉ ଏକ ରୂପ, ଭଗବାନଙ୍କ ଦ୍ବାରା ସୃଷ୍ଟି ହୋଇଥିବା ପ୍ରାଣୀ ମାନଙ୍କ ଭଳି । ଅତି ସୁନ୍ଦର । ଏଠି କିଛି ସମୟ ବସିବା ପରେ ବାହାରିଲୁ ଚୌପାଟି ସମୁଦ୍ରକୂଳକୁ ।

## ଚୌପାଟି ସମୁଦ୍ରକୂଳ




ମାଲାବାର୍ ହିଲ୍‌ସରୁ ଫେରିଲୁ ଗୁର୍‌ଗାଓଁ ଅଞ୍ଚଳ ଆଡ଼କୁ ବମ୍ବେର ପ୍ରସିଦ୍ଧ ଚୌପାଟି ଦେଖିବାକୁ । ମେରାଇନ୍ ଡ୍ରାଇଭର ଧନୁଷ ଆକାରର ଆଭିଜାତ୍ୟ ଇଲାକାର ନିକଟରେ ସ୍ଥିତ ଏହି ସମୁଦ୍ରକୂଳଟି ସର୍ବସାଧାରଣଙ୍କ ଗହଳିରେ

କୋଳାହଳ ହୋଇ ଉଠୁଥାଏ । କେଉଁଠି ମହିଳା ଜଣେ ଘୋଡ଼ା ଉପରେ ବସି ବୁଲୁଛନ୍ତି ତ କେଉଁଠି ଛୋଟ ପିଲାଟିଏ ଓଟ ଉପରେ ବସି ହାତ ହଲାଉଛି । ଚାରିଆଡ଼େ ବିଭିନ୍ନ ପ୍ରକାରର ଷ୍ଟଲ୍ ସବୁ । ରଙ୍ଗବିରଙ୍ଗର ଅପୂର୍ବ ସମାହାର । ସମୁଦ୍ରକୂଳ ଉଚ୍ଛୁଳି ଉଠୁଥାଏ ଏ ଜନଗହଳି ସାଙ୍ଗେ ସତେ ଯେପତି ମିଶିଯିବା ପାଇଁ । କେଉଁଠି ପାଓଭାଜିର ପ୍ଲେଟ୍ ଧରି କେହି ଖାଇବାରେ ଲାଗିଛନ୍ତି ତ କେଉଁଠି ପାଣିପୁରି ତାଟିଆ ଧରି ପାଣିପୁରି ବାଲାକୁ ସବୁ ଘେରି ଠିଆ ହୋଇଛନ୍ତି । ଅଜବ ଉତ୍କଣ୍ଠା, ଅପୂର୍ବ ଜନ ସମାଗମ । କ୍ଲାନ୍ତ, ଶ୍ରାନ୍ତ ବମ୍ବେ ସହର ଧିରେ ଧିରେ ସୂର୍ଯ୍ୟାସ୍ତ ଆଡ଼କୁ ଚାହିଁ ବସିଥିଲା । ଏହି ଚୌପାଟିରେ ଆରବ ସମୁଦ୍ରରେ ଗଣେଶଙ୍କ ମୂର୍ତ୍ତି ବିସର୍ଜନ ସମୟରେ ପୁରା ବମ୍ବେ ଜମା ହୋଇ ଯାଆନ୍ତି । 'ଗଣପତି ବପ୍ପା ମୋରିୟା' ଧ୍ବନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠେ । ସନ୍ଧ୍ୟା ନଇଁ ଆସୁଥିଲା, ଆଉ ଆମ ହାତରେ ଅଳ୍ପ ସମୟ ଅଛି ଦେଖି ଚୋର ବଜାର ବୁଲି ବାହାରିଲୁ ।

## ଚୋର ବଜାର



ଦକ୍ଷିଣ ବମ୍ବେର ଭେଣ୍ଡିବଜାର ପାଖରେ ଥିବା ଏହି ବଜାରକୁ 'ଚୋର ବଜାର' ବୋଲି କୁହାଯାଏ । ଏହି ବଜାରରେ ବହୁତ କୋଳାହଳ ହେଉଥିବାରୁ ଏହାକୁ ପୂର୍ବେ 'ଶୋର ବଜାର' ବୋଲି କୁହାଯାଉଥିଲା । ପରେ ପରେ ଏହା ଚୋର ବଜାର ବୋଲି ଜନରବରେ ପ୍ରସିଦ୍ଧ ହୋଇଗଲା । ଏହି ବଜାରରେ ଆଲ୍‌ପିନଠୁ ଆରମ୍ଭ କରି ଆଲମାରୀ ଯାଏଁ ସବୁ କିଛି ମିଳେ । ବୁଲି ବୁଲି ଦେଖିଲା ବେଳେ କେତେ ସମୟ ଲାଗିଯାଏ କେହି ଜାଣିପାରନ୍ତି ନାହିଁ । ଦୋକାନୀ ମାନଙ୍କ କୁହାଟ କାନକୁ ଥରାଇ ଦେଉଥାଏ । କେହି ହାତଧରି ତା'ର ଦୋକାନ ଆଡ଼କୁ ଟାଣି ନେଇଥାଏ ତ କେହି ଆଖିରେ ଚଷମା ଲଗାଇ ଜିନିଷ କିଣିବାକୁ ଏକ ରକମ ବାଧ କରୁଥାଏ । ଲୋକେ କହନ୍ତି ସବୁ ହଜିଯାଇଥିବା ଜିନିଷ ଏଇଠି ପୁଣି ବିକ୍ରି ହୁଏ । ଏଣୁ, ଏହାକୁ ଚୋର୍ ବଜାର୍ ବୋଲି କୁହାଯାଏ । ଦୁଇଜଣ ସାଙ୍ଗ ବହୁତ୍ ଭଲ ଦାମରେ ଦୁଇହଳ ଜୋତା ଓ ଚଷମା କିଣିଲୁ । ରାତି

ହେବା ପୂର୍ବରୁ ବହୁତ ଦୂରରୁ ଘରକୁ ଫେରିବାକୁ ହେବ । ନୂଆଁ ସହର ଏଣୁ ମନରେ ଛନକା ପଶୁଥାଏ । ଚୋରହାରୀ / ପକେଟମାରର ଭୟ ମଧ୍ୟ ଥାଏ । ଯାହା ହେଉ ଠିକ୍ ସମୟରେ ଘରେ ପହଞ୍ଚିଗଲୁ ।

ନାନୀ, ଲେମ୍ବୁପାଣି ଦେଉ ଦେଉ ପଚାରିଲେ, 'ବମ୍ବେ ଦେଖିଲ ?' ଖୁସିରେ ହଁ ଭରିଲୁ । ମନରେ ଖୁଶିଥିଲା ଖୁନ୍ଦିହେଇ । କିନ୍ତୁ ପୁଣି ବ୍ରହ୍ମପୁର ଫେରିଲେ ସେହି କଲେଜ୍ ଯିବା, ପଢ଼ିବା, ପ୍ରାକ୍ଟିକାଲ୍ ରେକର୍ଡ୍ ମେଣ୍ଟେନ୍ କରିବା କଥା ଭାବି ଟିକେ ଚିନ୍ତା ମଧ୍ୟ ହେଉଥିଲା । ସେ ଯାହା ହେଉନା କାହିଁକି, ଭାରତର ଏକ ମୁଖ୍ୟ ସହରରେ ରହି ଏଇମିତି ମଜାରେ ବୁଲି ମଜଲିସ କରୁଛୁ, ଏହା ଭାବି କୁତୁକୁତୁ ହୋଇ ଉଠୁଥିଲୁ ଆମେ ଦୁଇ ବନ୍ଧୁ । ରାତିରେ ଶୋଇବା ବେଳେ ଗାଇ ଉଠୁଥିଲୁ ସମସ୍ବରରେ 'ଇ ହେ ବମ୍ବଇ ନଗରିଆ ତୁ ଦେଖ୍ ବବୁଆ'

କ୍ରମଶଃ

ଆମେ ଆପଣଙ୍କ ଭ୍ରମଣ କଥା ପଢ଼ିବା ପାଇଁ ଅପେକ୍ଷା କରିଛୁ । ନିଜ ଭ୍ରମଣ କାହାଣୀ, ଭିନ୍ନ ଭିନ୍ନ ସ୍ଥାନର ସବିଶେଷ ବିବରଣୀ, ଓଡ଼ିଶା ଭିତରେ ହେଉ ଅବା ବାହାରେ ହେଉ, ଆପଣଙ୍କ ଖଟା ମିଠା ଅନୁଭୂତିର ବ୍ୟାଖ୍ୟାନ ପଢ଼ିବା ଏବଂ ନିଜେ ସେହି ସବୁ ସ୍ଥାନକୁ ବୁଲି ଯିବା ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି ଆହ୍ବାନ ଇ-ପତ୍ରିକାର ଅଗଣିତ ପାଠକ ପାଠିକା । ନିଜ ଲେଖା ମାନଙ୍କ ସହ ସ୍ଥାନ ବିଶେଷର ଚିତ୍ର ଏବଂ ସବିଶେଷ ବିବରଣୀ ପ୍ରଦାନ କରନ୍ତୁ । ଆପଣଙ୍କ ଅନୁଭୂତିକୁ ଆମେ ଆହ୍ବାନରେ ପ୍ରକାଶିତ କରିବୁ ।



# ଚିର ଅମର

ଏ' କୁମାରଙ୍କ କଲମରୁ

ଭୁବନେଶ୍ବର ବାଣୀବିହାର ଟ୍ରାଫିକରେ ସବୁଦିନ ଭଳି ଆଜି ବି ବହୁତ ଭିଡ଼ । କିନ୍ତୁ ଛକ ପାଖରେ ଆଜି ଭିଡ଼ ଅନ୍ୟ ଦିନଠୁ ଟିକିଏ ଅଲଗା । ମନେ ହୁଏ କୌଣସି ଦୁର୍ଘଟଣାଟେ ହୋଇ ଯାଇଥିଲା ପରି । ନିଜ ସ୍କର୍ପିଓର କଳା କାଚକୁ ତଳକୁ ଖସେଇ ବାହାରକୁ ନଜର ଦୌଡ଼ାଇଲେ ଅନୁରାଗ ବାବୁ । ରାସ୍ତା କଡ଼କୁ ରକ୍ତ ଜୁଡୁବୁଡୁ ହୋଇ ସ୍ତ୍ରୀ ଲୋକଟିର ନିଷ୍ପ୍ରାଣ ଶରୀରଟେ ପଡ଼ିଥିଲା । ପୋଲିସଠୁଁ ପବ୍ଲିକ୍ ଯାଏଁ ସମସ୍ତଙ୍କ ନଜର ସେଇ ଲାସଟି ଉପରେ । କାହାର ନଜର ଯାଉନି କେଇଗଜ ଦୂରରେ ବସି କାନ୍ଦୁଥିବା ସେଇ ଦେଢ଼-ଦୁଇବର୍ଷର ପିଲା ଅବା ତା ଆଗରେ ଭୋକକୁ ବ୍ୟଙ୍ଗ କରି ଗଡୁଥିବା ଖାଲି କ୍ଷୀର ବୋତଲ ଉପରେ । ପିଲାଟିକୁ ଦେଖୁ ଦେଖୁ ଅନୁରାଗ ବାବୁଙ୍କ ମୁହଁରୁ ଅଚାନକ ବାହାରି ଆସିଲା, 'ଆରେ,ଏ' ତ ସେଇ ଭିକାରୁଣୀର ପିଲା ବୋଧ ହୁଏ ?' ଡ୍ରାଇଭର ସମ୍ମତିରେ ମୁଣ୍ଡ ଟୁଙ୍ଗାରି ଗାଡ଼ିରୁ ବାହାରିଗଲା ବାକି ପ୍ରଶ୍ନର ଉତ୍ତର ପାଇବା ପାଇଁ ।

ପ୍ରତ୍ୟେକ ଦିନ ଅଫିସ୍ ଯିବା ଆସିବା ବେଳେ ଏଇ ଛକରେ ତାକୁ ଦେଖି ଆସୁଥିଲେ ଅନୁରାଗ ବାବୁ । ସାତ ଛିଣ୍ଡା ମଇଳା ଶାଢ଼ୀ, ବ୍ଲାଉଜରେ ଘୋଡ଼େଇ ରଖିଥାଏ ଦେହଟିକୁ । କୋଳରେ ଏଇ କଳା ମଚମଚ ପିଲାଟିକୁ ଜାକି ହାତରେ ଖାଲି କ୍ଷୀର ବୋତଲଟେ ଧରି ଦୌଡୁଥିବା ଭିଡ଼କୁ ଅଟକାଇବାର ବୃଥା ଚେଷ୍ଟା କରୁଥାଏ । କିନ୍ତୁ, ଆଜିର ଅ ବ୍ୟସ୍ତ ବହୁଳ ଦୁନିଆରେ ତା'ପାଇଁ କିଏ କାହିଁକି ଅଟକିବ ? ଟ୍ରାଫିକ ପୋଲିସ କିନ୍ତୁ ତା'ପାଇଁ ସ୍ବୟଂ ଜଗନ୍ନାଥ । ଦୟାର ହାତ ଟେକି ଦିଅନ୍ତି ଆଉ ଅନିଚ୍ଛା ସତ୍ତ୍ବେ କେତେ ବସ, ଟ୍ରକ୍, ଅଟୋ, କାର ଅଟକି ଯାଆନ୍ତି କିଛି ସମୟ ପାଇଁ । ଦୌଡ଼ିଯାଏ ସେଥିରେ ସବାର ହୋଇଥିବା ଦାତାମାନଙ୍କ ପାଖକୁ । ଆଉ ତାଙ୍କ ସମୟକୁ ସମ୍ମାନ ଦେଇ ଏକ ନିଃଶ୍ବାସରେ ନିଜର ସବୁ ଦୁଃଖ ଶୁଣେଇଦିଏ, 'ବାବୁ, ମୋ ପିଲା କିଛି ଖାଇନି କାଲି ଠୁଁ । ଭୋକ ବିକଳରେ କାନ୍ଦୁଛି । ତା'ପାଇଁ କ୍ଷୀର ଟୋପେ କିଣିବାପାଇଁ କିଛି ପଇସା ଦିଅ ମା ।' କେହି କେହି ଶୁଣି ମୁହଁ ବୁଲେଇ ନିଅନ୍ତି ତ କିଛି କହନ୍ତି ପାଖରେ ଖୁଚୁରା ନାହିଁ । କେବେ କେବେ କିଛି ଭୋକିଲା ଆଖି ତା'ର ଅଧାଢ଼ଙ୍କା ଶରୀର ଭିତରକୁ ପଶିଯିବାକୁ ଚେଷ୍ଟା କରନ୍ତି । ବିଚାରୀ ପିଲାଟିକୁ ଛାତିରେ ଯାକିଧରି ସେଠାରୁ ଚାଲିଯାଏ ଅନ୍ୟ ଗାଡ଼ି ପାଖକୁ । କେହି କେହି ତା ହାତର ଖାଲି ବୋତଲକୁ ଭରିବା ପାଇଁ

ଟଙ୍କାରେ ଦୁଇଟଙ୍କା ଦେଲେ କୃତଜ୍ଞତାରେ ଆଖି ତା'ର ନଇଁ ଯାଏ ନିମିଷକ ପାଇଁ। ପୁଣି ଦୌଡ଼ିଯାଏ ଆଗକୁ ଅନ୍ୟଜଣେ ଦାତାଙ୍କ ଅନ୍ବେଷଣରେ। ଭୋକବିକଳରେ ପିଲାଟି ଧକେଇ କାନ୍ଦୁଥାଏ, ଦେହରେ କପଡ଼ା ନାଁରେ ସୁତାଖିଅଟିଏ ବି ନଥାଏ। ଧୂଳିରେ ଦେହର କଳାରଙ୍ଗବି ଠିକରେ ବାରି ହେଉନଥାଏ। ମୁଣ୍ଡର ବାଳର ରଙ୍ଗ ବି ନୁଖୁରା କସରା ଦେଖାଯାଉଥାଏ। ତା'ର ଏଇ ଦୟନୀୟ ରୂପ ଯେମିତି ତା ମା'ର ନିତ୍ୟନାଟ୍ୟକ୍ରମକୁ କରୁଣ ରସରେ ଭରି ଜୀବନ୍ତ କରିଦିଏ। ଏଇଥି ପାଇଁ ବି କିଛି ମିତବ୍ୟୟୀ ଦାତାଙ୍କ ହାତ ଆପଣା ଛାଏଁ ପର୍ସ ଭିତରକୁ ଚାଲିଯାଏ।

ଭିକାରୁଣୀ ପାଇଁ ବେଳେ ବେଳେ ଅନୁରାଗ ବାବୁଙ୍କ ମନରେ ପ୍ରଶ୍ନ ଉଙ୍କିମାରେ ଯେ- ସକାଳରୁ ସଞ୍ଜ ଯାଏଁ ଖାଲି ବୋତଲ ଦେଖେଇ ଭିକ ମାଗୁଥିବା ଏ ମା ତା ପିଲା ପାଇଁ କ୍ଷୀର କିଣେ କେତେବେଳେ ? ଭାବୁ ଭାବୁ ତାଙ୍କ ମନରେ କ୍ରୋଧ ଆସିଯାଏ। ମାଆ ହୋଇ ଏଡ଼େ ବିକଳ ବକଟେ ପିଲାକୁ ଦେଖେଇ ଟଙ୍କା ମାଗୁଛି। ରୋଜଗାର କରୁଛି ? ଏବେ ତ' ସେ ଛକ ପାଖେଇ ଆସିଲେ ଗାଡ଼ିର କାଚ ଉପରକୁ ଉଠେଇ ଦିଅନ୍ତି, ଏ ପ୍ରହସନ ନ ଦେଖିବା ପାଇଁ। ତାଙ୍କର ମନେ ଅଛି ଯେଉଁଦିନ ପ୍ରଥମ ଥର ସେ ଭିକାରୁଣୀକୁ ତାଙ୍କ ଗାଡ଼ି ପାଖରେ ଆସି ହାତ ପତେଇ ଥିବା ବେଳେ ସେ ଦଶ ଟଙ୍କାର ନୋଟ୍‌ଟେ ବଢ଼େଇ ଦେଉ ଦେଉ କହିଥିଲେ, 'ଏମିତି ପିଲାଟାକୁ ଖରାରେ କାହିଁକି ଜଳଉଛୁ ? କିଛି କାମଧନ୍ଦା କରୁନୁ ? କ'ଣ ଏମିତି ହାତ ପତେଇବାକୁ ଭଲ ଲାଗୁଛି ?' ସେ ଦାନ୍ତ ନେଫେଡ଼ି ହସି ଦେଇଥିଲା ଟିକେ। ତା'କୁ ଏକଥା ଉପଦେଶ ନୁହେଁ, ବ୍ୟଙ୍ଗ ଲାଗିଥିଲା ବୋଧହୁଏ ।

'ଏ ସହରରେ ଅଚିହ୍ନା ଲୋକକୁ କିଏ କାମ ଦେବ ବାବୁ ? ଆପଣ ଦେବେ କି ମୋତେ କାମଟେ ?' ଏମିତି କହିଦେଇ ସେ ଉତ୍ତର ପାଇବା ଆଶାରେ ଅନୁରାଗ ବାବୁଙ୍କୁ ଚାହିଁ ରହିଥିଲା।

ଅନୁରାଗ ବାବୁ ନିରବରେ ତା'କଥାକୁ ସମର୍ଥନ କରିଥିଲେ ସେ ଦିନ। ସତରେ ଯାହାର ନାଁ, ଗାଁ ଠିକଣା କିଛି ଜଣା ନାହିଁ, ତାହାକୁ କାମ ଦେବ କିଏ ? ଆଜି ଯଦି ବା ସେ ତା'କୁ ଘରକୁ ନେଇ କାମ ଦେବେ, କାଲି ଯଦି ଏହାର କିଛି ହୋଇଯାଏ କିଏ ପିଠିରେ ପଡ଼ିବ ? ବରଂ ଯିବା ଆସିବା ବେଳେ ତା ହାତରେ କିଛି ଧରେଇ ଦେଇ ନିଜ ବଦାନ୍ୟତା ଜାହିର କରିବା ଭଲ।

ବାବୁଙ୍କ ନିରବତାର ଭାଷାବି ସେ ବୁଝିନେଇଥିଲା। କୃତଜ୍ଞତାରେ ମୁଣ୍ଡ ଟୁଙ୍ଗାରୀ ଯାଉ

ଯାଉ କହିଗଲା, 'ବାବୁ ଏଇଟା ବି'ତ ଗୋଟେ କାମ । ଏଇଟା କରିବା କଣ ଏତେ ସହଜ ?'

ସେ'ତ ଚାଲି ଯାଇଥିଲା, କିନ୍ତୁ ଅନୁରାଗ ବାବୁଙ୍କୁ ଅବାକ୍ କରିଦେଇଥିଲା, ତା ଛିଣ୍ଡା ପଣତରେ ପଡ଼ିଥିବା ସେଇ ଆତ୍ମବିଶ୍ବାସର ଗଣ୍ଠିଟି । କେଜାଣି କାହିଁକି ସେଇଦିନ ଠାରୁ ତା'ଠୁଁ ନିଜ ଗାଡ଼ିକୁ ଯଥାସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରିଆସିଛନ୍ତି ସେ ।

ଡ୍ରାଇଭରର ସ୍ବର ଶୁଣି ଧ୍ୟାନ ଭାଙ୍ଗିଗଲା । 'ବାବୁ, ଭିକ ମାଗୁ ମାଗୁ ଟ୍ରକ୍ ସାମନାକୁ ଚାଲି ଆସିଥିଲା ସେ । ଏ'ତ ହେବାର ଥିଲା ଆଜ୍ଞା । ଦେଖୁନଥିଲେ କେମିତି ଏତେ ଭିଡ଼ରେ ବି ସେ ମାଗିବ ବୋଲି ରାସ୍ତାର ଏପାଖ ସେପାଖ ଦଉଡୁଥିଲା ।' କହୁ କହୁ ଡ୍ରାଇଭର ଗାଡ଼ି ଆଗକୁ ବଢ଼ାଇଲା । ପଛରେ ରହିଯାଇଥିଲା ପିଲାଟିର ଲୁହ ଛଳ ଛଳ ଆଖି, ରାସ୍ତାରେ ଗଡୁଥିବା ଖାଲି କ୍ଷୀର ବୋତଲ ଆଉ ଭୀକାରୁଣୀର ନିର୍ଜୀବ ଦେହ ଭଳି ଅର୍ଥହୀନ ଦୃଶ୍ୟ ସବୁ । ମୋବାଇଲ୍ ବାଜି ଉଠିଲା ଅନୁରାଗ ବାବୁଙ୍କର ।

- 'ହ୍ୟାଲୋ'

- 'ଅନୁରାଗ ବାବୁ, ଗୁଡ୍ ଆଫ୍‌ଟରନୁନ୍ । ମୁଁ ମି, ସାହାଣୀ'

- 'ଭେରି ଗୁଡ୍ ଆଫ୍‌ଟରନୁନ୍ ସାହାଣୀ ବାବୁ, କ'ଣ କିଛି ନୂଆ ଖବର ?'

- 'ସନ୍ଧ୍ୟାରେ ଚାଲି ଆସନ୍ତୁ ହୋଟେଲ୍ ସ୍ବସ୍ତି । ଭୁବନେଶ୍ବରରେ ନୂଆ ଗୋଲାପଟେ ଫୁଟିଛି ଯେ, ପ୍ରଥମ ଭେଟି ଆପଣଙ୍କ ପାଇଁ ।'

- 'ଓକେ, ମୁଁ ସନ୍ଧ୍ୟାରେ ପହଞ୍ଚିବି । ଥାଙ୍କ୍ ୟୁ । ବାୟ୍ ।'

ମି. ସାହାଣୀ ଅନୁରାଗ ବାବୁଙ୍କ ବନ୍ଧୁ ବି ଆଉ ଦଲାଲ ବି । ମାସକୁ ଥରେ ଦି'ଥର ତାଙ୍କ ପାଇଁ କଲଗାର୍ଲ୍ ଯୋଗାଡ଼ କରି ଦିଅନ୍ତି । ହୋଟେଲ୍ ବୁକିଂ ଠୁଁ ଆରମ୍ଭ କରି ସବୁକିଛି ନିଜେ କରିଦିଅନ୍ତି । ବଦଳରେ ମୋଟା କମିସନ ବି ମିଳିଯାଏ । ତା ସହିତ ବଡ଼ ଲୋକଙ୍କ ସହ ବନ୍ଧୁତ୍ବ ବି ଗାଢ଼ ହୁଏ ।  ଅନୁରାଗ ବାବୁ ଶତ ଚେଷ୍ଟା କଲେ ବି ନାରୀ ଦେହପ୍ରତି ଏଇ ଅହେତୁକ ଦୁର୍ବଳତାଟିକୁ ସେ ଏଡ଼ାଇ ଯାଇ ପାରିନାହାନ୍ତି । ତାଙ୍କର ଏଇ ଦୁର୍ବଳତା ପଛରେ ସାହାଣୀ ବାବୁଙ୍କ ଭଳି ବନ୍ଧୁଙ୍କ ପ୍ରଛନ୍ନ ହାର ରହିଛି ।

ସାନ୍ଧ୍ୟ ଅଭିସାର ପାଇଁ ବାବୁ ଅଫିସରୁ କାମ ସାରି ସିଧା ବାହାରିଗଲେ ହୋଟେଲ୍ ସ୍ବସ୍ତି । ଡ୍ରାଇଭରକୁ ଗାଡ଼ି ପାର୍କିଂ କରିବାଉ କହିଦେଇ ଚାଲିଗଲେ ସାହାଣୀ ବାବୁ ବୁକ୍ କରିଥିବା

ରୁମ୍‌କୁ । ଡୋର ବେଲ୍ ବଜାଇଲେ ସେ । ଡୋର୍ ଖୋଲିଲା ୨୨-୨୩ ବର୍ଷ ବୟସର ମଫସଲି ଝିଅଟେ । ସାହାଣୀର କଥା ଠିକ୍ ଥିଲା । ସଜଫୁଟା ଗୋଲାପ ଫୁଲପରି ସୁନ୍ଦର ଚେହେରା ।

- 'ତୁମ ନାଁ କ'ଣ ?' ପରିସ୍ଥିତିକୁ ସହଜ କରିବାକୁ ପଚାରିଲେ ଅନୁରାଗ ବାବୁ ।

- 'ନାଁ ରୁ କ'ଣ ପାଇବ ବାବୁ ? ନାଆଁକୁ ହଜାଇଲା ପରେ ତ ମୁଁ ଏ ରୁମକୁ ଆସିଛି । ଆପଣ କାମରେ ହିଁ ମତଲବ ରଖନ୍ତୁ ।'

ତାର ଚମ୍ପାକଢ଼ ଭଳି ଆଙ୍ଗୁଳି ଅନୁରାଗ ବାବୁଙ୍କ କାନ୍ଧକୁ ସ୍ପର୍ଶ କରୁଥିଲା । ହୋଟେଲ୍ ରୁମର ନୀଳ ଆଲୁଅରେ ସେ ସ୍ବପ୍ନ ରାଇଜର ପରୀଟିଏ ଭଳି ଲାଗୁଥିଲା । ତା ସାନ୍ନିଧ୍ୟରେ କିଛି ସମୟ ପାଇଁ ବାହାର ଦୁନିଆକୁ ଭୁଲି ଯାଇଥିଲେ ସେ ।

ରୁମର ଲାଇଟ୍ ଜଳେଇ ଦେଲେ ଅନୁରାଗ ବାବୁ । ଶାଢ଼ୀକୁ ଦେହରେ ଗୁଡ଼େଇସାରି ତାଙ୍କ ଆଡ଼କୁ ହାତ ବଢ଼େଇଲା ତରୁଣୀଟି ।

- 'ବାବୁ, ଆପଣଙ୍କ କାମ ସରିଲା, ମୋତେ ମୋ କାମର ମୂଲ ଦିଅନ୍ତୁ, ମୁଁ ଯିବି ।'

- 'ଯିବୁ, ଏତେ ବ୍ୟସ୍ତ କାହିଁକି ? ମୋ ପାଖରେ ବସ ଆଉ କିଛି ସମୟ ।'

- 'ନାଇଁ ବାବୁ । ମୋ ପୁଅ କାନ୍ଦୁଥିବ । ମୁଁ ତାକୁ ଘରେ ଏକା ଛାଡ଼ି ଆସିଛି ।'

- 'ତୁମର ପୁଅଟେ ବି ଅଛି ? ତା'ହେଲେ ତୁମେ ଏଇ ରାସ୍ତାରେ କେମିତି ଆସିଲ ???'

- 'ପୁଅଟିକୁ ବଞ୍ଚେଇବାପାଇଁ ଏଇ ରାସ୍ତାରେ ପାଦ ଦେଇଛି ।'

- 'ହେଲେ, ତୁମେ ଚାହିଁଥିଲେ ଆଉ କିଛି କାମ ବି ତ କରି ପାରିଥାନ୍ତ ?'

- ' ଆପଣଙ୍କ ପାଖରେ କାମ ମାଗିଥିଲେ ଆପଣ ଦେଇଥା'ନ୍ତେ ବାବୁ ? ଏ ସହରରେ ଲୋକ ଅଜଣା ଭିକାରୀକୁ ଭିକ ଦେବାକୁ କୁଣ୍ଠିତ, ସେଠି ମୋତେ କିଏ କାମ ଦେବ ? ତା'ଛଡ଼ ଇୟେ ବି ତ ଗୋଟେ କାମ । ଏଇ କାମ କଣ ଏତେ ସହଜ ?'

ତାର ପାଉଣା ନେଇ ସେ ଚାଲିଯିବାଉ ଉଦ୍ୟତ ହେଉଥିଲା । ଅନୁରାଗ ବାବୁଙ୍କୁ ଲାଗୁଥିଲା ରାସ୍ତାର ସେଇ ଭିକାରୁଣୀ ହୋଟେଲ୍ ରୁମର ଡୋର ଖୋଲି ଚାଲି ଯାଉଛି । ତାଙ୍କ ମୁହଁରୁ ଅଚାନକ ବାହାରି ପଡ଼ିଲା, 'ଆରେ ତୁମେ ତ ବଞ୍ଚିଛ !' ବାହାରକୁ ଯାଉ ଯାଉ ତରୁଣୀଟି ବୁଲି ଚାହିଁଲା, ଆଉ କହିଲା, 'ବଞ୍ଚିଛି କୋଉଠି ବାବୁ ? ମୁଁ ତ କେବେଠୁଁ ମରି ସାରିଛି ।

ବଞ୍ଚିଥିଲେ କଣ ଏଇ ହୋଟେଲ୍ ରୁମକୁ ଆସିଥାନ୍ତି ?' ଛଳ ଛଳ ଆଖିରେ ସେ ବାହାରି ଚାଲି ଯାଉଥିଲା । କିନ୍ତୁ ତା'ର ଶେଷ କେଇପଦ ଅନୁରାଗ ବାବୁଙ୍କ ଆତ୍ମାକୁ ଦୋହଲାଇ ଦେଇଥିଲା । ଯେତେ ଶୀଘ୍ର ସମ୍ଭବ ସେ ହୋଟେଲ୍ ଛାଡ଼ିବାକୁ ଚାହୁଁଥିଲେ । ଡ୍ରାଇଭରକୁ ଗାଡ଼ି ବାହାର କରିବାକୁ କହି ଗାଡ଼ିରେ ବସି ପଡ଼ିଲେ । ହୋଟେଲ୍ ଭିତରୁ ତାଙ୍କୁ ସେ ଭିକାରୁଣୀର ଦାନ୍ତ ନେଫେଡ଼ା ହସ ଆଉ ପିଲାର କରୁଣ ଚିତ୍କାର ଏକାସଙ୍ଗେ ଶୁଣା ଯାଉଥିଲା ।

ଡ୍ରାଇଭର ଗାଡ଼ି ଦୌଡ଼ାଇଲା ବାବୁଙ୍କ ଘର ଆଡ଼କୁ । ପାଖେଇ ଆସିଲା ସେଇ ଚିର ପରିଚିତ ବାଣୀବିହାର ଛକ । ଗାଡ଼ିର କାଚ ଉପରକୁ ଉଠେଇଦେଉଥିଲେ ବାବୁ । ଡ୍ରାଇଭର ହସୁ ହସୁ କହୁଥିଲା, 'ଆଜ୍ଞା ଆଉ କଣ ଦରକାର ବନ୍ଦ କରିବା ? ସେ ଭିକାରୁଣୀର ସକାଳେ ଏକ୍ସିଡ଼େଣ୍ଟ ହେଇଥିଲା । ସେ ତ' ମଲାଣି । କେଜାଣି ସେ ପିଲାଟାର କଣ ହେଲା ? ବିଚାରା ।'

ଡ୍ରାଇଭରର କଥା ତାଙ୍କ କାନରେ ପଶୁନଥିଲା । ସେ ଗାଡ଼ିର କଳାକାଚ ଭିତରୁ ବାହାରକୁ ଦେଖୁଥିଲେ । ଦେଖୁଥିଲେ କାଚ ଆରପଟେ ଭିକାରୁଣୀ ତାଙ୍କୁ ଖାଲି ବୋତଲଟେ ଦେଖେଇ ହସୁଛି । 'ଦେଖ ବାବୁ ମୋତେ ଏବେ କାମ ମିଳିଯାଇଛି ଆଉ ମୁଁ ଭିକ ମାଗୁନି । ତୁମେ ହିଁ ତ ଦେଇଛ କାମ । ଏବେ ମୋ ପିଲାର କ୍ଷୀର ବୋତଲ ଖାଲି ରହିବନି କି' ସେ ଭୋକରେ କାନ୍ଦିବନି ।'

ଭୟରେ ତାଙ୍କ ଆଖି ବନ୍ଦ ହେଇ ଯାଉଥିଲା । ସେ ଥର ଥର କଣ୍ଠରେ କହୁଥିଲେ, 'ଡ୍ରାଇଭର, କାଲିଠୁଁ ଲକ୍ଷ୍ମୀସାଗର ଦେଇ ଅଫିସ ଯିବ, ଏ ରାସ୍ତାରେ ଆଉ ଆସିବନି ।'

- 'ଆଜ୍ଞା ସେ ରାସ୍ତାରେ ଗଲେ ବହୁତ ବାଟ ପଡ଼ିବ ।'

- 'ଦୂର ହେଉ ପଛେ ସେଇ ରାସ୍ତାରେ ଯିବ । ଏଇ ରାସ୍ତାରେ ଏଇ ଭିକାରୁଣୀ...'

- 'କେଉଁ ଭିକାରୁଣୀ ଆଜ୍ଞା, ସେ ତ ମରିଗଲାଣି । ଆଉ ଚିନ୍ତା କାହିଁକି ?'

- ' ନା ସେ ମରିନାହିଁ । ବଞ୍ଚିଛି । ମୁଁ ଦେଖିଛି ତା'କୁ । ଯେ ପର୍ଯ୍ୟନ୍ତ ତା'ପିଲା ଭୋକିଲା ରହିବ ସେ ମରିବ ନାହିଁ । କେଉଁ ଟ୍ରକ୍ କିମ୍ବା କେଉଁ ସାହାଣୀ ତା'କୁ ମାରିପାରିବନି । ସେ ତ ଅମର ହେଇ ରହିବ ତା'ପିଲା ପାଇଁ । ଚିର ଅମର ।'

ଡ୍ରାଇଭର କିଛି ବୁଝି ପାରୁନଥିଲା । ଜଳ ଜଳ ହେଇ ଚାହିଁ ରହିଥିଲା ଅନୁରାଗ ବାବୁଙ୍କ ଝାଳ ଭିଜା ମୁହଁକୁ ।



# ଆମ ଗାଁ ହାଲଚାଲ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସଂଜବେଳକୁ ସବୁ ଯେ ଯା'ର ଦୁଆରେ ବସିଥିଲେ । କାହ୍ନୁ ଗୋସେଇଁ କୋଠଘରେ ପୂଜା କରି ସଦ୍ୟ ଫେରିଛନ୍ତି । ତଥାପି କିଛି ଲୋକ କୋଠଘରେ ବସି ମୃଦଙ୍ଗ ଆଉ ଝାଞ୍ଜ ବଜାଉଛନ୍ତି । ହରିଆ ଓଡ଼ିଆ ବଳଦ ଧରି ଗାଁ ଦାଣ୍ଡରେ ଯାଉଥିଲା ଖଳାକୁ । ସକାଳୁ ସକାଳୁ ମଇ କଲେ ଧାନ ବାହାରିବ । ମିଲ୍‌କୁ ନେବ । ଆନନ୍ଦ ମହାରଣାଙ୍କ ଶାଳର ଲଣ୍ଠନ ଉଜ୍ଜ୍ୱଳ ହୋଇ ଜଳୁଥିଲା । ପୁଅଙ୍କୁ ଧରି ସେ ବଡ଼ ପେଡ଼ି ତିଆରି କାମରେ ଲାଗିଥିଲେ । ବାହାଘର ପାଇଁ ବରାଦ ଅଛି, ଦି ସପ୍ତାହରେ ଚାରିଟା ପେଡ଼ି । ସେ ଦିନରାତି କାମରେ ଲାଗିଛନ୍ତି । ଗାଁ ମଣ୍ଡପ ଉପରେ ସୀମା, ବଳିଆ, ଜଗା, ରଘୁ ଆଉ କିଏ କିଏ ବସି ଗାଁ କଥା ଗପୁଛନ୍ତି । ଏହି ସମୟରେ ହଠାତ ତଳ ସାହିରୁ କେହି ଜଣେ ଚିତ୍କାର କରିବା ଶୁଣି ସବୁ ଦଉଡ଼ି ଆସିଲେ । ଜଗା ଓଡ଼ିଆ ଘର ସାମନାରେ ବାର ତେର ବର୍ଷର ରଞ୍ଜୁ ନିର୍ବାକ୍ ଠିଆ ହୋଇଥିଲା । 'ଆଲୋ କଣ ହେଲା ? ଏମିତି ଚିଲ୍ଲେଇ ହେଲୁ କାହିଁକି ?' ତା ବୋଉ ପଚାରିଲା । ସେ ଥରି ଥରି କହିଲା, 'ଏ ପିଣ୍ଡାରେ ନଖୀ ବୋଉ ବସିଥିଲା । ' ଆଉ ଚେତା ହରାଇ ସେଇଠି ପଡ଼ିଗଲା । ରଞ୍ଜୁକୁ ଟେକି ଆଣି କୋଠଘର ପିଣ୍ଡରେ ଶୁଆଇ ଦେଇ ତା ମୁହଁରେ ପାଣି ମାରିଲେ । ସେ ଉଠିଲା ଆଉ ଥରେ ଚେତା ହରେଇ ପଡ଼ିଗଲା ।

ବଳିଆ କହିଲା, 'ହେତ୍ ଶଳା ଏଇଟା ଗୋଟେ ନିତି ଦିନିଆ ଯାତ୍ରା ହେଇ ଗଲା । ଦି ସପ୍ତାହ ହେଲାଣି, ସବୁଦିନ ସେଇ ଏକା କଥା ।' ସୀମା କହୁଥିଲା, 'କିସ ଗୋଟେ କରିବାକୁ ପଡ଼ିବ । ନହେଲେ ହେବନି ।' ଏଇମିତି ସେମାନେ କଥା ହେଉଥିବା ସମୟରେ ହରି ଓଡ଼ିଆ ଘର ଭିତରକୁ ପଶୁଥିବା ବେଳେ ତଳ ସାହିର ବାବିନାର ବୋଉର ହାତକୁ ଧରି କୁମାରୀ ଟାଣି ଆଣି କହିଲା, 'ତା ଘରକୁ ତୁ କିସ ଯାଉଚୁ?' ବାବିନା ବୋଉ କହିଲା, 'ନଖୀକି ଟିକେ ଦେଖି ଦେ'ନ୍ତି । ପଳେଇବି । କା'କୁ କିଛି କରିବିନି । ମୋ ପିଲାଟାକୁ ଟିକେ ଦେଖେଇ ଦେ ।' କୁମାରୀ ଚମକି ପଡ଼ି ପଛକୁ ଛିଟିକି ଗଲାପରି ପଡ଼ିଗଲା । ସବୁ ଭେଣ୍ଡା ଦିଣ୍ଡା ହରି ଓଡ଼ିଆ ଦୁଆରେ ଗହଳି କଲେଣି । ବାବିନା ବୋଉ ଦୁଆର ମୁହଁରେ ଠିଆ ହେଇଛି । କହୁଛି 'ନଖୀକୁ ଟିକେ ଦେଖେଇ ଦିଅ ।' ସୀମା କହିଲା, 'ଭାଇନା ଯାଅ ନଖୀକୁ ଆଣ ।' ହରି ଓଡ଼ିଆ ତା'ର ସାତ

ମାସର ସାନ ଝିଅକୁ ହାତରେ ଧରି ଆସିଲା । ବାବିନା ବୋଉ ନଖୀକୁ ଏକ ଲୟରେ କିଛି ସମୟ ଦେଖିଲା, ଆଉ ଚେତା ହରେଇ ସେଇଠି ପଡ଼ିଗଲା ।

ଦି ସପ୍ତାହ ହେଲାଣି ଏମିତି ନିତି ଚାଲିଛି । ପ୍ରତିଦିନ କେହି ନା କେହି ନଖୀ ବୋଉର ଭୂତକୁ ଦେଖିଛନ୍ତି । ଆଉ ସେ କାହା ଦେହରେ ନିଶ୍ଚୟ ଆସିଚି, ନଖୀକୁ ଦେଖିଦେଲା ପରେ ଚେତା ହରେଇ ପଡ଼ି ଯାଉଛନ୍ତି । ଏହାର କିଛି ସମାଧାନ ହେଲାପରି ଦିଶୁନି । ନଖୀ ବୋଉ ସାଇବାଣୀ ଅଳ୍ପବୟସରେ ଚାଲିଗଲା । ହେଇ ଦୁଇ ତିନି ବର୍ଷ ହେବ କି କଣ ସେ ବାହା ହେଇ ଆସିଥିଲା । ବଡ଼ ସୁନ୍ଦରୀ ବୋଲି ସବୁ କହୁଥିଲେ । ହେଲେ ସେ ହାତେ ଓଢ଼ଣା ଦେଇ ରହୁଥିବାରୁ କେହି ଦେଖିନଥିଲେ । ବଡ଼ ଭଲ ଝିଅଟେ । ସକାଳୁ ସକାଳୁ ଉଠି ଘର ଦୁଆର ସଫା କରିବ, ଗୋବର ପାଣି କରିବ । ପୂଜା ବ୍ରତ ସବୁ କରିବ । ହରି ଓଡ଼ିଆର ବାପା ମା ଦି' ପ୍ରାଣୀ ପୁରୀ ଯାଇଥିଲେ । ସମୁଦ୍ରରେ ବୁଡ଼ ଦେଉଥିବା ବେଳେ ଢ଼େଉ ଆସିଲା ଆଉ ସେମାନଙ୍କୁ ଧୋଇ ନେଇଗଲା । ଏକାଥରେ ବାପା ମା' ଛେଉଣ୍ଡ ହେଇଯାଇଥିଲା ହରି । ହେଲେ ପୁରୀ ସମୁଦ୍ରରେ ବାପା ମା'ର ପ୍ରାଣ ଗଲା ବୋଲି ସେ ଦୁଃଖ କରିନି, ଜଗନ୍ନାଥଙ୍କ ପାଖକୁ ଚାଲିଗଲେ ସେ ଦି'ଜଣ । ବିବାହ କରିବା ବୟସ ହେଲା ବେଳକୁ ଦାଦା, ମଉସା ପିଉସା ମିଶି ତା ବିବାହ କରିବା ପାଇଁ ସବୁ କାମ କରିଥିଲେ । ସାଇବାଣୀ ବାପା ମନା କଲା, ଯୋଉ ଘରେ ଶାଶୁ ଶଶୁର ନାହିଁ ସେ ଘରେ ଝିଅ ଦେବନି ବୋଲି ମନା କରୁଥିଲା । ହେଲେ ଶେଷରେ ବାହାଘର ହେଲା । ବଡ଼ ଖୁଶିରେ ଥିଲା ସେ ।

ବାହାଘରର ବର୍ଷଟେ ପରେ ବି ପିଲାଝିଲା ହେଲେନି, ସାହି ପଡ଼ିଶା ଲୋକେ କଥାବାର୍ତ୍ତା କଲେ । କିଏ କହିଲା, ଶାଶୁ ଶଶୁରର ଦୃଷ୍ଟି ପଡ଼ିଚି, ହଉନି, ଆଉ କିଏ କଣ କଣ କହିଲେ । ସାଇବାଣୀ ସବୁ ପୂଜାପୂଜି କଲା, ଉପାସ, ବ୍ରତ କଲା । ଦି'ବର୍ଷପରେ ଭଗବାନ ଭରସା ହେଲେ । ସାଇବାଣୀ ଗର୍ଭରେ ପିଲା ରହିଲା । ଦେଖୁ ଦେଖୁ ନ'ମାସ ବିତିଗଲା । ନଖୀ ଜନ୍ମ ହେଇଥିଲା ବୈଶାଖରେ । ସାଇବାଣୀ କିନ୍ତୁ ନଖୀ ଜନ୍ମହେଲା ପରେ ଦୁର୍ବଳ ହୋଇଗଲା । ଦେହ ସବୁବେଳେ ଖରାପ ରହିବାକୁ ଲାଗିଲା । ହରି ଡ଼ାକ୍ତରଖାନା ଯିବା କଥା କହିଲେ ସେ ମନା କଲା । ନଖୀ ଦେହ ଖରାପ ହେଇଯିବ । କାଳେ ଥଣ୍ଡା ହେଇଯିବ । ଆଦି ଅନେକ କଥା କହି ନିଜ ଦେହକୁ ଆହୁରି ଅଧିକ ଖରାପ କରିଦେଲା ସେ । ମାର୍ଗଶୀର ମାସରେ ଘରେ ଲକ୍ଷ୍ମୀ ପୂଜା ସମୟରେ ସେ ଝିଅର ନାଁ ଲକ୍ଷ୍ମୀ ବୋଲି ଦେବ ବୋଲି ନିଶ୍ଚୟ କରିଥିଲା, ସେଇଠୁ ନଖୀ ବୋଲି ଡ଼ାକ ନାଁ ହେଇଗଲା । ଏହାପରେ କାର୍ତ୍ତିକ ଆସୁ ଆସୁ ହଠାତ୍ ଦିନେ ସାଇବାଣୀ ଦେହ ଖରାପ

ହେଇଗଲା । ପବନ ଉଠା ରୋଗ । ସେ କଥା କହିପାରୁନଥିଲା । ହେଲେ ନଖୀକୁ ଛାତିରେ ଭିଡ଼ି ଧରି କାନ୍ଦିଥିଲା ଅନେକ । ଖାଲି କହୁଥିଲା ମୋ ପିଲାଟାକୁ ସବୁ ଦେଖୁଥିବ । ତା'ର ଆଉ କେହି ନାହିଁ । ଏମିତି କହି କହି ତା'ପ୍ରାଣ ବାୟୁ ଚାଲିଗଲା । ହେଲେ ଯେଉଁ ଦିନ ସେ ଗଲା, ସେହିଦିନ ଠାରୁ ପ୍ରାୟ ସବୁଦିନ ଗାଁରେ ଅତିଭୌତିକ କାଣ୍ଡ ସବୁ ହେଲା । ପ୍ରତିଦିନ ହରି ଓଡ଼ିଆ ଦୁଆରେ କେହି ନା କେହି ତା ଛାଇ ଦେଖିଲେ । ଆଉ କାହା କାହା ଦେହରେ ତା ଆତ୍ମା ଆସି ନଖୀକୁ ଦେଖିବାକୁ ଦାବୀ କରି ବସୁଥିଲା । ହରି ଓଡ଼ିଆ ପିଲାଟାକୁ ଆଣି ଦେଖେଇ ଦେଲେ ଆତ୍ମା ଛାଡ଼ି ଯାଉଥିଲା ।

ସଧବା ଯାଇଥିଲା ବୋଲି ସାଇବାଣୀର ଶ୍ରାଦ୍ଧକର୍ମ ସବୁ ଭଲରେ କରାଯାଇଥିଲା ତଥାପି ଏଇ ଘଟଣା ସବୁଦିନ ହେଉଥିଲା । ଗୁଣୀଗାରେଡ଼ି କରିବା ପାଇଁ ଅନେକ ଲୋକ ଆସିଥିଲେ, ହେଲେ କେହି କିଛି କରି ପାରିଲେ ନି । ଯେତେ ମନ୍ତ୍ରତନ୍ତ୍ର ସବୁ ବିଫଳ ହେଲା । ଗାଁ ଗୋସେଇଁ କହିଲେ, 'ତୁ ଯାଇ ତା ଅସ୍ଥିକୁ ପୁରୀ ସମୁଦ୍ରରେ ପକେଇ ଦେଇ ଆ । ଦେଖିବୁ ସବୁ ସମାଧାନ ହେଇ ଯିବ ।' ଅନିଚ୍ଛା ସତ୍ତ୍ବେ ହରି ଓଡ଼ିଆ ଝିଅକୁ ଧରି ଗାଁର ଦି'ତିନିଜଣ ଯୁଆନ୍ ଟୋକାଙ୍କୁ ସାଙ୍ଗରେ ଧରି ପୁରୀ ଯାଇଥିଲା । ବାଟରେ ଅବଶ୍ୟ କୌଣସି ଅସୁବିଧା ହେଲାନି । ପୁରୀରେ ଯାଇ ସିଧା ସମୁଦ୍ରରେ ଅସ୍ଥି ବିସର୍ଜନ କରି ଦେଇ ଦି'ଦିନ ପରେ ଗାଁକୁ ଫେରିଥିଲା । ସେ ଗାଁକୁ ଫେରିବା ପରେ ଆଉ ସାଇବାଣୀ ଆସିନି । ଦି ସପ୍ତାହ ହେଲାଣି ଆଉ କିଛି ଅଘଟଣ ଘଟିନି । ହେଲେ ହରି ଓଡ଼ିଆ ନଖୀକୁ ତା ମାମୁଁଘରେ ନେଇ ଛାଡ଼ି ଦେଇ ଆସିଛି । ସେ ଏବେ ସେଇଠି ରହୁଛି ।



# ପ୍ରିୟତମା

ତାପସ ପଣ୍ଡା

କୋଉଠୁ ଆରମ୍ଭିବି
କୋଉଠି ଛାଡ଼ିବି ପ୍ରିୟତମା ?
ବାଟ ଯାକ ଅଙ୍ଗାର
ଦେହମନ ସାରା ମଇଳା ଧୁଆଁ
ଗୁଡ଼େଇ ହେଉଛି ଅହିରାଜ
ମାଡ଼ି ପଡୁଛି ରାସ୍ତାଘାଟ
ଅନ୍ଧାର ବି ଜଳୁଛି ଜହ୍ନରେ
ବୋହୁଚୋରୀ ଖେଳୁଛି ଦର୍ପଣ -|
କେମିତି ମୁଦିବି ଆଖି
କୋଉଠୁ ଆଣିବି ସାକ୍ଷୀ ପ୍ରିୟତମା ?
ଶବ୍ଦ ସବୁ ଶଗଡ଼ରେ ଲଦା
ଧାଡ଼ିମାନେ ଅଧା ଅଧା ଓଦା,
ଗୋଡ଼ ସାଉଁଟୁଣୁ
ଛୋଟେଇ ଯାଉଛି ରାସ୍ତା
ଲମ୍ବିବନି ଛାଇ ଆଉ ଦିନ ଯାଏ ପାହି- |
ଆଉ କେବେ ଦେଖାହେଲେ
ତୁମ ଆମ ଦୋଛକିରେ ପ୍ରିୟତମା
ମନଭରି ଗପିନେବ
ଲୁହ ଆଢୁଆଳେ
ବଞ୍ଚିବାକୁ ଇଚ୍ଛିବି ମୁଁ
ସେଯାବତ୍ କଳେ ବଳେ ...



# ମାୟା ଆଉ ଲୁସିଫର୍

ଶ୍ୱେତା ଆଚାର୍ଯ୍ୟ

ମାୟାରେ ପୃଥିବୀରେ ଏଠି ସମସ୍ତେ ଲୁସିଫର୍
ସହସ୍ର ସହସ୍ର ବର୍ଷ ଧରି ଏମାନଙ୍କ ରାଜତ୍ୱ
ଭାଷାରେ, କଣ୍ଠରେ, ଆଖିରେ, ଦେହରେ,
ସବୁଠି ରାକ୍ଷସର ରୂପ...
ବାରମ୍ବାର... ବାରମ୍ବାର ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ !
ଏଠି ସମସ୍ତେ ଲୁସିଫର୍

ସ୍ୱର୍ଗରୁ ବିତାଡ଼ିତ ଲୁସିଫର୍,
ଯୁଗ ଯୁଗ ଧରି ଧ୍ୱଂସ କରିବାର ଚେଷ୍ଟା ତା'ର ସଫଳ ହୋଇଛି
ଈଶ୍ୱର ହାର ମାନିଛନ୍ତି ବୋଧେ...
କ୍ଳାନ୍ତ, ପଙ୍ଗୁ, ଜରାଜୀର୍ଣ୍ଣ ଈଶ୍ୱର,
କେବଳ ଏବେ ସୀମିତ ମନ୍ଦିର, ମସଜିଦ୍ ଆଉ ଚର୍ଚ୍ଚ ଭଳି
କେତୋଟି ପଥର ମାର୍ବଲ ଘରେ
ବାହ୍ୟ କଳେବର ସୁସଜ୍ଜିତ, ଭିତର ଖୋଳପା !

ଦୁଃଖ କଷ୍ଟରେ ବେଳେ ବେଳେ କାଳେ ଈଶ୍ୱରଙ୍କ ଆଖିରୁ ଲୁହ ବଦଳରେ ଝରେ ରକ୍ତ,
ତଥାପି ଲୁସିଫର୍ ଅଶାନ୍ତ...
ଈଶ୍ୱରଙ୍କ ଦୁହାଇ ଦେଇ ପ୍ରତିଜ୍ଞା,
ସେ ପ୍ରତିଜ୍ଞାରେ ଈଶ୍ୱର ପ୍ରତିଥର ଜଳିବେ
ପ୍ରତିଥର ବାଧ୍ୟ ହେବେ ପୃଥିବୀକୁ ଓହ୍ଲାଇବାକୁ,
କିନ୍ତୁ ଲୁସିଫର୍ ନତମସ୍ତକ ହେବନି...
କେବେ ନୁହେଁ...
ଜିତିବାର ସଂକଳ୍ପରେ ଈଶ୍ୱରଙ୍କୁ ପଙ୍ଗୁ କରିବାର ଚେଷ୍ଟା ସଫଳ ହେବ,
ଆଉ ଈଶ୍ୱର ଶେଷରେ ବାଧ୍ୟ ହେବେ
ସୃଷ୍ଟିର ଧ୍ୱଂସ
କାଳର କରାଳରେ ସମୁଦ୍ରର ଅନ୍ନ ଭିତରେ ସବୁର ବିଲୀନ
ସେଦିନ ତୃପ୍ତ ହେବ ଲୁସିଫର୍‌ର ଆତ୍ମା...
ଅଟ୍ଟହାସ୍ୟ କରି ଈଶ୍ୱରଙ୍କୁ ଆଲିଙ୍ଗନ କରିବ ସେ
ମୁଁ ତୁମର ସବୁଠୁ ଅନ୍ତରଙ୍ଗ...
ଭୁଲିଯାଅନି ପ୍ରଭୁ..
ମୁଁ ସ୍ୱର୍ଗକୁ ଫେରିବି ତୁମ ସଙ୍ଗେ
ମୁଁ ଆଉ ତୁମ ଭିତରେ ଏଇଠି ପୃଥିବୀର ସ୍ଥାନ ନାହିଁ
କେବଳ...ମୁଁ... ତୁମେ ଆଉ ସ୍ୱର୍ଗ...



# ମୋ ଭାଇ

ସ୍ବରୂପ କୁମାର ମଲ୍ଲ

ଭାଇ,ଏକ ସ୍ନେହଭରା ଶବ୍ଦ,ଯାହାକୁ ଉଚ୍ଚାରଣ କଲେ ମନରେ ସାହାସ ଆସେ,ଏକ ସାହାରାର ପ୍ରତୀକ ଯାହା ଲାଗି ମନରେ ଥାଏ ଅନେକ ଆଶା | ଏହା ଏକ ଏମିତି ଭାବ ଯାହା କେବଳ ଅନୁଭବ କରଯାଏ | ଭାଇ,ଯିଏ ନିଜ ଭଉଣୀ ଲାଗି ଆଶାର ଗୋଟିଏ ମଜବୁତ ହାତ ଯାହାର ପରଶରେ ଭୟର ସ୍ଥାନ ନ ଥାଏ, ଏମିତି ଏକ ସମ୍ପର୍କଲାଗି ସମସ୍ତେ ପ୍ରାର୍ଥନା କରନ୍ତି | ସବୁ ବାପା'ମା ମାନେ ଚାହାନ୍ତି ସେମାନଙ୍କର ଗୋଟିଏ ପୁଅ ହେଉ | ଯେଉଁମାନଙ୍କର ଭାଇ ଥିବେ ସେମାନେ ଠିକ ଉପରଲିଖିତ କଥା ଭଳି ହୋଇଥିବ ବୋଲି ମୋ ଧାରଣା | ମୋର ବି ଇଛା ଥିଲା ମୋର ବି ଏମିତି ଭାଇଟି ଥିବ ବୋଲି | ସମସ୍ତେ ଗୁରୁଜନ କୁହନ୍ତି ଯେ, ସମୟ ପୁର୍ବରୁ କିନ୍ତୁ ଆବଶ୍ୟକତା ବିନା କୋଉ ଜିନିଷ ମିଳିନଥାଏ, ମୋର ବୋଧହୁଏ ସେ ଭାଗ୍ୟ ନାହିଁ |

ମୁଁ ଭଲଭାବରେ ଜାଣେ ଯୋଉମାନଙ୍କର ଭାଇ ଥିବେ ସେମାନେ ଏହାକୁ ପଢି ମୋତେ ପରିହାସ କରିବେ | ଯଦି କାହାର ଭଉଣୀ ନ ଥାଏ,ତେବେ ତା ମନରେ ନିରାଶା ଆସେ | କିନ୍ତୁ ଯଦି କାହାର ଭାଇ ନ ଥାଏ ବା ପରିବାରରେ ପୁଅ ନ ଥାଏ ସମାଜ ସେମାନଙ୍କୁ ଦୁର୍ବଳ ମନେ କରେ | ସେମାନଙ୍କର ସମ୍ପତ୍ତିରୁ ଅଧିକାର ମଧ ଛଡାଇ ନିଆଯାଏ | ତଥାପି ନାରୀ ଆଜି ନିଜ ଗୋଡରେ ନିଜେ ଛିଡା ହେଇପାରିଛି | ସବୁଥିରେ ଏକ ନମ୍ବରରେ ଆସିଛି |

ତଥାପି ନାରୀ ଆଜି ପରାଜିତ ପରିସ୍ଥିତିରେ | ଆଜିବି ଦେଶରେ ବହୁତ ଜାଗା ଅଛି ଯେଉଠିକି ଝିଅର ସନ୍ଧ୍ୟାରେ ବାହାରକୁ ଯିବା ଏକ ଘୋର ଅପରାଧ ଓ ବିପଦ ମଧ |



# ତୁମ ସ୍ମୃତିରେ

ଅଜିତ କୁମାର ତ୍ରିପାଠୀ (କୁଲ୍)

ଶ୍ରାବଣ ନ ଥାଇ ବି

ଭିଜିଛି

ତୁମ ଅସୀମ ସେନେହରେ

ଫଗୁଣ ନ ଥାଇ ବି

ଶିହରିଛି

ତୁମ କୁଆଁରୀ ପରଶରେ

ବସନ୍ତ ନ ଥାଇ ବି

ଜିଇଁଛି

ତୁମ ଅଭୁଲ ପ୍ରେମରେ

ବୈଶାଖୀ ନ ଥାଇ ବି

ଶିଝିଛି

ତୁମ ବିରହ ନିଦାଘରେ

ଲେଖୁଛି କବିତା ଆଜି ତୁମ ସ୍ମୃତିରେ....



# ସମ୍ପର୍କ

ରଞ୍ଜନ କୁମାର ପାଣିଗ୍ରାହୀ

ମା' ବଣି ଟିକେ ବେଶୀ ଦୂରକୁ ଉଡ଼ି ଯାଇଥିଲା ଆହାର ସଂଗ୍ରହ ପାଇଁ । ଫେରୁ ଫେରୁ ରାତି ହୋଇଗଲା । ତେଣୁ ସେ ଆଉ ନିଜ ବସାରେ ପହଞ୍ଚି ପାରି ନଥିଲା । ରାସ୍ତାକଡ଼ ଗୋଟେ ଗଛରେ ରାତିଟା ବିତାଇଦେଲା । ଏଣେ ବଣିର ସ୍ୱାମୀ ଓ ପୁଅ ବସାରେ ଚିନ୍ତିତ ଅବସ୍ଥାରେ ବିତାଇଲେ । ମା' ବଣିର ଡର ଥିଲା, କାଲି ସକାଳେ ସ୍ୱାମୀଙ୍କୁ କ'ଣ କହି ବୁଝାଇବ! ଭାବିଲା, ମୁଁ ତ କିଛି ଭୁଲ କରିନି । ଯାହା ହେବ, ଦେଖାଯିବ । ପୁଣି ଭାବିଲା, ସ୍ୱାମୀ ଯଦି ମୋତେ କଳଙ୍କିନୀ ବୋଲି କହିବେ! ଏମିତି ଭାବୁ ଭାବୁ ରାତି ପାହି ସକାଳ ହେଲା । ମା' ବଣି ମନରେ ଭୟ ରଖି ଉଡ଼ି ଉଡ଼ି ଯାଇ ବସାରେ ପହଞ୍ଚିଲା ଓ ତା ପୁଅକୁ କୋଳେଇ ନେଲା । ସ୍ୱାମୀଙ୍କୁ ଡରି ଡରି କହିଲା, "ମୋତେ କ୍ଷମା..." । ତା' କଥା ସରିଛି କି ନାହିଁ ସ୍ୱାମୀ ସାନ୍ତ୍ୱନା ଦେଇ କହିଲେ, "କିଛି କହିବା ଦରକାର ନାହିଁ । ତୋର ଭୁଲ ଥାଉ କି ନ ଥାଉ । ତୁ ମୋର, ମୁଁ ତୋର, ଜନ୍ମ-ଜନ୍ମାନ୍ତରର ସାଥୀ । ମୁଁ ଜାଣିଛି, ତୁ କିଛି ବି ଭୁଲ କରି ନଥିବୁ । ଆଉ ମୁଁ କଣ ମଣିଷ ହୋଇଛି ଯେ, ତୋତେ ନାରୀ ନିର୍ଯ୍ୟାତନା ଦେବି!"



# ସୃଷ୍ଟିର ବିଶାଳ ରଚନା ଭିତରେ ମୁଁ ଏକ କ୍ଷୁଦ୍ର ଶବ୍ଦଟିଏ

ରଶ୍ମୀ ରଞ୍ଜନ କର

ଦିନେ ସମୁଦ୍ରକୂଳରେ ବୁଲୁଥାଏ । ମନରେ ଗୋଟେ ଭାବନା ଆସିଲା । କାହିଁକି ହଜିଯାଉଛି ମୁଁ ତା ସାମ୍ନାରେ ? କାହିଁକି ନା, ତା'ର ବିଶାଳତା ଆଗରେ ନିଜକୁ ବହୁତ ଛୋଟ ମନେକରେ । ଈଶ୍ବରଙ୍କ ବହୁତ ବିରାଟ ବିରାଟ ସୃଷ୍ଟି ତୁଳନାରେ ମୁଁ ଅତି କ୍ଷୁଦ୍ର ସୃଷ୍ଟି ଟିଏ । ହିମାଳୟ ପରି ବିରାଟ ସୃଷ୍ଟିମାନ ଅଛି ଏ ସଂସାରେ । ମରୁଭୂମି ପରି ପ୍ରଶସ୍ତ ସୃଷ୍ଟିର ମଧ୍ୟ ରଚନା କରିଛନ୍ତି ସେ । ହଠାତ୍ ଆକାଶ ଆଡ଼େ ଚାହିଁଦେଲି । କେଉଁଠି ତା'ର ସୀମାରେଖା ? ଭାବିଲେ ଟିକେ ସମୁଦ୍ରର ଗଭୀରତାକୁ । ଗର୍ଭରେ ତା'ର ଲକ୍ଷ ଲକ୍ଷ ସୃଷ୍ଟି । ହିମାଳୟ ଯେ କେତେ ଉଚ୍ଚ । ପାଦତଳେ ଠିଆ ହୋଇ ଦେଖିପାରେନା ମୁଁ ତା'ର ଶୀର୍ଷକୁ । ମରୁଭୂମି ମଝିରେ ମଣିଷ ହୋଇଯାଏ ଦିଗହରା । ଏତେ ଯେ ପ୍ରଶସ୍ତ ସେ । ସତରେ ତ ! କ'ଣ ମୋର ସୀମା । କାହିଁ ମୋର ଅସ୍ତିତ୍ବ । କେତେ ଯେ ମୋର କ୍ଷମତା । ମୁଁ କିଏ ଏମାନଙ୍କ ଆଗରେ । କେତେ ମୋର ଶକ୍ତି ? କ'ଣ ଆଣିପାରିବି ମୁଁ ସତରେ ପରିବର୍ତ୍ତନ ? ନା, ମୁଁ ଏକ ନିମିତ୍ତ ମାତ୍ର । ସୃଷ୍ଟିର ଏହି ବିଶାଳ ରଚନା ଭିତରେ ମୁଁ ଏକ କ୍ଷୁଦ୍ର ଶବ୍ଦଟିଏ । ମୁଁ ଜଣେ ମଣିଷ । ମୁଁ ମଧ୍ୟ ଈଶ୍ବରଙ୍କ ଏକ ସୃଷ୍ଟି । କିଛି ବର୍ଷତଳେ ଜନ୍ମ ନେଇଥିଲି । କିଛି ବର୍ଷପରେ ବିଦାୟ ନେବି । କିନ୍ତୁ ଈଶ୍ବରଙ୍କ ଏ ସୃଷ୍ଟି ହଜାର ହଜାର ବର୍ଷ ତଳର । ମୋ ପୂର୍ବଜ ଏଇ ସୃଷ୍ଟିର ଦର୍ଶକ ଥିଲେ, ମୁଁ ବି ଦେଖୁଛି । ମୋ ପରେ ମୋ ବଂଶଜ ବି ଏହି ସୃଷ୍ଟିକୁ ଦେଖିବେ । ବଦଳୁଚି ସମୟ, ଜୀବନଦ୍ଵାର ସହିତ ବଦଳୁଚି ବଂଶଧାରା । କିନ୍ତୁ ସେମିତି ମୁଣ୍ଡଟେକି ଠିଆ ହୋଇଛି ହିମାଳୟ । ସେମିତି ମୁଣ୍ଡଟେକି ଠିଆ ହୋଇଛନ୍ତି ହିମାଳୟ ପରି ଅନ୍ୟାନ୍ୟ ପର୍ବତମାଳା । ସେମିତି ଗର୍ଜୁଛି ସମୁଦ୍ର । ସେମିତି ମରୁଭୂମି ସାଇତି ରଖିଛି ତା ବିଶାଳତାକୁ । ସେମିତି ଆକାଶ ଆଲୋକିତ ହେଉଛି ଚନ୍ଦ୍ର, ସୂର୍ଯ୍ୟ ତାରା ମାନଙ୍କ ଦ୍ବାରା । ଏହା ଅନନ୍ତ ଓ ଅସୀମ । ଏମାନେ ଆଣୁଛନ୍ତି ପ୍ରକୃତିରେ ପରିବର୍ତ୍ତନ । କେତେବେଳେ ସୁନାମି ତ କେତେବେଳେ ଭୂମିକମ୍ପ । କେତେବେଳେ ଘୁର୍ଣ୍ଣିଝଡ଼ ତ କେତେବେଳେ ବନ୍ୟା ଓ ବାତ୍ୟା । ମୋ ପାଖରେ ଅଛି ଟେକ୍ନୋଲୋଜୀ, ମୋ ପାଖରେ ଅଛି ବିଜ୍ଞାନ । କ'ଣ ଅଟକାଇ ପାରୁଛି ମୁଁ ଏଇ ପରିବର୍ତ୍ତନକୁ ? ନା, କେବେ ମୁଁ ପାରିନି କି ପାରିବିନି । ଯେବେ ଭାବେ ମୁଁ ସୃଷ୍ଟିର ଏଇ ରଚନା କଥା, ମୁଁ ଜାଣିପାରେ ଯେ ମୁଁ କେତେ ଛୋଟ, ଆଉ କ'ଣ ମୋର ଅସ୍ତିତ୍ବ । କଣ ମୋର କ୍ଷମତା । କାହିଁକି ମୁଁ କରୁଛି ଗର୍ବ ? ସେତେବେଳେ ମନ ମୋର ଉତ୍ତର ଦିଏ, ସୃଷ୍ଟିର ବିଶାଳ ରଚନା ଭିତରେ ମୁଁ ଏକ କ୍ଷୁଦ୍ର ଶବ୍ଦ ଟିଏ ।



# ବନ୍ଦ ଓଠ

ଉର୍ମିଳା ମିଶ୍ର

ନା
ବାଧ୍ୟ କରନି
ଖୋଲିବାକୁ ସେ
ବନ୍ଦ ଓଠର ମୁଦକୁ
ଖୋଲିଗଲେ, ହୁଏତ
ସୁନାମୀର ଝଡ଼
ଆସିଯିବ ସମୁଦ୍ରରେ,
ସନୁମନ ଲୁଚିବ
ସର୍ପପ ଗର୍ଭରେ,
ବିଲୁପ୍ତ ହୋଇଯିବ ସଜାଡ଼ିଥିବା
ଧରାବନ୍ଧା
ସଂସାରତ ସେଇ ନିଶିଦ୍ଧ
ପୃଥିବୀର ପରିକଳ୍ପନାରେ....
ସମାଜ ଆକ୍ଷେପକୁ
ସାଉଁଟୁ ସାଉଁଟୁ,
ଭଲ ଖରାପର ହିସାବ
ମାପିବା ଭିତରେ
ଅତି ପ୍ରିୟ ଆତ୍ମା ଦୁଇଟିର
ମୃତ୍ୟୁ ଘଟିବ...
ନା ନା
ସେ ଓଠକୁ ଖୋଲି ଦିଅନି...
ମନ ତଳ ଚିଙ୍ଗାରୀକୁ
ଜଳିବାକୁ ଦିଅନି
ବାନ୍ଧି ପକାଅନି ସେଇ
ସୁନ୍ଦର ଆତ୍ମା ଦୁଇଟିକୁ
ସମ୍ପର୍କର ଦ୍ବାହିରେ...



# ଭୋକିଲା ପେଟର କମାଣରୁ

ବିଭୂତି ରଥ

ଭୋକର ଦୁନିଆରେ କରିଛି ମୁଁ ଘର
ମୁଁ ଗରିବ, ଗରିବି ମୋର ସହଚର
ଶୁଣ ହେ ସାହୁକାର ସମସ୍ତେ ଏ ବିଶ୍ବର
ତୁମ ନାଲି ଆଖି ଆଉ ଚଳିବନି
ଆମେ ଆଉ ତୁମ କଥା ଜମା ମାନିବୁନି ।
ରାଜ ରାସ୍ତାରେ ପିଟର୍ସବର୍ଗର
କେତେ କଳକାରଖାନା ସାରା ବିଶ୍ବର
ଯେତେ ନିଷ୍ପେସିତ ଶ୍ରମିକର ଦଳ
ଏଇ ଦେଖ ଏକଜୁଟ୍ ସମସ୍ତେ ହେଲେଣି
ଭୋକିଲା ପେଟର କମାଣ ମୁହଁରେ
ଅତ୍ୟାଚାରୀ ତୁମେ ଆଉ ତିଷ୍ଠିବନି ।
ଇରାକ୍ ମାଟିରେ କି କାବୁଲ୍ ପିଠିରେ
ତୁମେ ଯେତେ ସୈନ୍ୟ ଠୁଳ କଲେ
ଭୋକିଲାର ପେଟ ପୁରିବନି ।
କମାଣ ଗୁଳି କି ଆଉ ଖାଦ୍ୟ ହୋଇବ
ପେଟ ଭରିବ ଆମ ବାରୁଦରେ ?
ମନେ ପକା ଥରେ ତୁ ଇତିହାସ
ଭୋକିଲା ପେଟ ସବୁ ଶ୍ରମିକର
ଯୁଦ୍ଧର ଯେବେ ଘୋଷଣା କରେ
ଅତ୍ୟାଚାରି କି କେହି ବଞ୍ଚିଛି କେଉଁ ସମାଜରେ ?
ତା'କମାଣର ଗୋଳା ଗଢ଼ା ହୁଏ
କ୍ଷୋଭ, ପ୍ରତିହିଂସା ଆଉ ପ୍ରତିଶୋଧରେ
ଅତ୍ୟାଚାରୀର କୋରଡ଼ା ମାଡ଼ରୁ
ଲୁହ ସବୁ ତା'ର ଅସ୍ତ୍ର ହୁଏ
ଭୋକିଲା ପେଟ ଚିତ୍କାର କଲେ
ତୁମ ସାମ୍ରାଜ୍ୟ ଭାଙ୍ଗିଯାଏ ।
ଶୁଣ ହେ ସାହୁକାର ସମସ୍ତେ ଏ ବିଶ୍ବର
ଅଗ୍ନି ସ୍ଫୁଲିଙ୍ଗ ଏ ଭୋକିଲା ପେଟର
ଜାଳିଦେବ ଏ ସଚରାଚର ।



# ଦୁଃଖ

ବିଜୟଲକ୍ଷ୍ମୀ ବେହେରା

ଏକ ଅସମାପ୍ତ ସମୁଦ୍ରର ଲୁହ
ଯନ୍ତ୍ରଣାରେ କୁଡୁବୁଡୁ ହେଇ ଲୁଚିଥିବ
ଛାତି ତଳର ଅସୁମାରି କୋହ
ଏକ ଅଶାନ୍ତ ସହରେ ରହୁଥିବା ଅମାନିଆ ମନ
ନିଘୋଡ଼ ନିଦରେ ଶୋଇଥିବା ଅମାବାସ୍ୟାର ଜହ୍ନ
ଦ୍ବିଗୁଣିତ ହେଉଥାଏ ଗୋଟିଏ ଗୋଟିଏ ମୁହୂର୍ତ୍ତ
ଟାଣି ଓଟାରି ନେଉଥାଏ ସମୟର ହାତ
ହାହାକାର ଭିତରେ ସେ ସଦା ହଜି ଯାଉଥାଏ
ନିଜର ଯୁଇକୁ ବସି ନିଜେ ଜଳୁଥାଏ...



# ମଲାଜହ୍ନ

ବିକି ମିଶ୍ର

କେତେ ଯେ ଆଶା ଅକାଂକ୍ଷା ଥିଲା

ସେ ନିରିମାଖୀ କୁଆଁରୀ ଫୁଲ ସତୀ ଆଖି ରେ

ସେ ଥିଲା ଏକଦମ୍ ମାତାଲ୍-

ତା ମନ ମହୋଦଧିରେ ସୃଷ୍ଟି ହୋଇଥିବା ସ୍ବପ୍ନ

ତରଙ୍ଗରେ,

ସେ ବା କଣ ଜାଣିଥିଲା ତା

ମନର ତରଙ୍ଗରେ ଭଟ୍ଟା ଆସିବ ବୋଲି

ତାକୁ ସାଥିକରିବାଉ ପଡ଼ିବ

ମହାବଳ ବାଘରୂପୀ ଦୁଃଖକୁ

ସାତ ଦରିଆ ତେର ନଇ ସେପାରେ ରଖି

ସବୁ ସ୍ନେହ-ଅଲିଅଳ-ସୁଖକୁ

ସେ ବା କଣ ଜାଣିଥିଲା ପାଣିକାଚ ଭଳି

ଭାଙ୍ଗିଯିବ ତା ଅସୁମାରୀ ସପନ

ପର ମୁହୂର୍ତ୍ତେ ବୁଝିଲା ସେ ସ୍ବପ୍ନଥିଲା

ତା ଜୀବନାକାଶେ ଉଆଁସରେ ଉଇଁଥିବା

ମଲାଜହ୍ନ !!!

(ପ୍ରଥିତ ଯଶା କଥାକାର ଉପେନ୍ଦ୍ର କିଶୋର ଦାସଙ୍କ ଏଇ ମାଟିର ଅନବଦ୍ୟ କାଳଜୟୀ ଉପନ୍ୟାସ ମଲାଜହ୍ନ ଉପରେ କବିତାଟି ଆଧାରିତ)



# ଫକୀର

ବିନୟ ମୋହନ ଦାଶ

ଧନାଢ୍ୟ ବ୍ୟକ୍ତି ଥାଇ ପାରନ୍ତି !!!

କିଏ ମନାକଲା ?

ଅତୀତରୁ ପ୍ରତିଦ୍ବନ୍ଦିତା କରି ଆସୁଥିଲେ

ସଂପ୍ରତି କରୁଛନ୍ତି- ଭବିଷ୍ୟତରେ କରିବେ ବି

କା'ର କେତେ ଆୟ ?

ଗଚ୍ଛିତ ସମ୍ପତ୍ତି, ବ୍ୟବସାୟେ ବିନିଯୋଗିତ ଧନରାଶି

ଅବାଞ୍ଛିତ ହିସାବ ଅଟକଳ କ୍ରମଶଃ ଜାରି-

ଏହାକୁ କ'ଣ ସମସ୍ତେ ବୁଝିବାକୁ ବାଧ ? ।୧ ।

କିନ୍ତୁ ବୁଝେନା ଫକୀର

ତାହାର ଯାଉଛି କେତେ- ଆସୁଛି କେତେ

ଯାହାର ଅତୀତ ଅନ୍ଧାର ଥିଲା -

ବର୍ତ୍ତମାନ ଦୟନୀୟ

ଭବିଷ୍ୟ ଯେ ନାହିଁ ଆଦୌ

ନିରାଶା ଯାହାର ଅଙ୍ଗାଙ୍ଗୀ ଜଡ଼ିତ

ଆଶା ବୋଧେ ପ୍ରଶ୍ନବାଚୀ

ହସୁଛି ଫକୀର ଆକାଶକୁ ଦେଖି ।୨ ।

ଧନ୍ୟାଢ୍ୟଙ୍କ ପରି ସେ କ'ଣ ସ୍ବପ୍ନ ଦେଖେନି

ଇଚ୍ଛାଶକ୍ତି ବ୍ୟକ୍ତ କରିବାର ସେ' କଣ ଚାହେଁନି

ଇମାରତର ପ୍ରତିଟି ଇଟା ସେ କ'ଣ ଗଣୁନି

ଜନସମାଜ କରେ ଉପେକ୍ଷିତ

ସେ କରେନା ପ୍ରତିଯୋଗିତା-

ଗାଇବୁଲେ ଗୀତ

ମୃଦୁସ୍ବରେ ଗାଏ ଇତିହାସ - ଜୀବନ ବୃତ୍ତାନ୍ତ

ଧନୀ ଦିଏ ଗୋଟିଏ ପଇସା, ବଢ଼ାଇଲେ ହାତ ।୩।

ଗଣେନି ସେ ଦେୟ ଧନ- ତଥାପି ଆଶୀଷ ଦିଅଇ
ହୃଦୟର ଆଶୀର୍ବାଦ କ'ଣ ଏତେ ମୂଲ୍ୟହୀନ
ପୁରିବ କି ପେଟ ଚାଖଣ୍ଡରେ କେଉଁ ଅବା କୋଣ
ଧନୀ ବୁଝେ- ଦାନ ଦେଇ କରିଗଲା ପୁଣ୍ୟ
ବିରକ୍ତିର ଝଲକ
କେହି କେବେ ଦେଖିଛି ଫକୀର ମୁହଁରେ ?
ସମସ୍ତେ ବଞ୍ଚନ୍ତି - ସେ' ବି ବଞ୍ଚୁଛି
ଦିନ ଯାଇ ରାତି ପାହୁଅଛି ।୪।
କେମିତି ଖାଇବ ଗଣ୍ଡେ ସମୟ ଗଣୁଛି

ନମିଳିଲେ ବି କହିବ କାହାକୁ

କ୍ଷୁଧାତା'ର ଚିର ସାଥୀ

ଆୟ ନାହିଁ - କେମିତି ଯେ' କ୍ଷୁଧା ଯିବ ମେଣ୍ଟି

ମୃତ୍ୟୁ ପର୍ଯ୍ୟନ୍ତ ଲଢ଼ିବ ସେମିତି

ଧନ୍ୟାଢ୍ୟ ଅସ୍ଥିର, ସବୁକିଛି ଥାଇ ପାଉନାହିଁ ଶାନ୍ତି

ସର୍ବସ୍ବାନ୍ତ ଫକୀର

ଶାନ୍ତିର ମାଲିକ, ଆସୁ ଖୁସି ଅବା ଦାରୁଣ ବିପତ୍ତି ।୫।

# ପାଷାଣ

ବିନୋଦିନି ସାହୁ

ପାଷାଣ ଦେବତା ତୁ ତତେ କି ମାଗିବି
ଧୂଳି ଖେଳ ରୁ ବସନ୍ତ ଯାଏଁ
ଜୀବନ ଯନ୍ତ୍ରଣା ବ୍ୟତୀତ
କିଛି ନ ଦେଲୁ !

ସ୍ବପ୍ନ ସବୁ ସ୍ବପ୍ନ ହେଇ ଯାଏ
ଲୁହ ସବୁ ଓଠ ପିଇ ଯାଏ
ଦୁଃଖ ବି ପରିହାସ କରିବା ଆରମ୍ଭ କରିଦିଏ
କାହାକୁ ମାଗିବି ତା ଉତ୍ତର
ନିଜେ ବି ଛନ୍ଦି ହୋଇ ଯାଏ !!!

ତୁ ତ ରଚୟିତା ସବୁ କାହାଣୀର
କହିବୁ କି କେବେ ହେବ ଶେଷ
ମୋ ଜୀବନ ନାଟକର !!!



# ସେତ ଭକତ ଭାବରେ ବନ୍ଧାରେ....

ରଶ୍ମୀରଞ୍ଜନ ଦାଶ (ବାପ୍ପୁ)

କାହିଁ କେଉଁ କାଳରୁ ଶୁଣିଥିଲି ଯେ ମୋ କାଳିଆ ଅନନ୍ତ ଓ ତା ଲୀଳା ମଧ ଅନନ୍ତ, କିନ୍ତୁ ଆମେ ଏ କଳିଯୁଗର ମଣିଷ ତା ଲୀଳାକୁ ନା ବୁଝିପାରୁ ନା ବୁଝିବାକୁ ଚେଷ୍ଟା କରୁ । ଆମେ ବିଜ୍ଞାନୀ ମାନବ ତ ତେଣୁ ସେ ସବୁ ଆମ ପାଇଁ ମାତ୍ର ଗୋଟେ ଗୋଟେ ସଂଯୋଗ । ଅନ୍ଧବିଶ୍ଵାସ । ଘୁଷୁରୀ କୁ କେବେ ପାଚିଲା କଦଳି ରୁଚିଲାଣି ନା ରୁଚିବ । ସେ ଯାହା ହେଉ ସେ ନେଇ ମୋର ବିବାଦୀୟ ପରିସ୍ଥିତି ଉପୁଯାଇବାର କୌଣସି ଅଭିପ୍ରାୟ ନାହିଁ । କିନ୍ତୁ ମୋର ଏଇ ଆଧୁନିକ ମାନବ ସମାଜକୁ ଏକ ଅଙ୍ଗେ ଲିଭା ଅନୁଭୂତିଟିଏ ବର୍ଣ୍ଣନା କରିବାକୁ ଉଚିତ ମଣୁଛି । ଯାହାକୁ ଭଲଲାଗିବ ସେମାନେ ତାକୁ କାଳିଆର କୈବଲ୍ୟ ଭାବି ଗ୍ରହଣ କଲେ ଏବଂ ଯାହାକୁ ମିଛ ଲାଗିଲା ସେମାନେ ତାକୁ ମାତ୍ର ଏକ ସଂଯୋଗ ବା ଅନ୍ଧବିଶ୍ଵାସ ଭାବି ଦୂରେ ଠେଲି ଦେଲେ ଏ ଅକିଞ୍ଚନ ର ଲେଖିବା ସାର୍ଥକ ହେବ ।

ପ୍ରଥମରୁ ମୁଁ କହିରଖୁଛି ଏହା କୌଣସି କାହାଣୀ ବା ମନଗଢା କଥା ନୁହଁ ଏହା ମୋ ଅନୁଭୂତି ର କଥା, ଭାବର କଥା । ମୋ ମାମୁଁ ସୁଦୁର ଗୁଜୁରାଟରେ ଗୋଟେ ସୁନାମଧନ୍ୟ ଇସ୍ପାତ କମ୍ପାନୀରେ ଚାକିରୀ କରନ୍ତି । ନିକଟ ଅତୀତରେ ସେ ଓଡିଶା ଆସିବା ସମୟର ଘଟଣା ଇଏ । ମାମୁଁ ମୋତେ ଗୋଟେ ଓଡ଼ିଆ ଗୀତା ବହି କିଣି ତାଙ୍କୁ ଦେବାକୁ କହିଥିଲେ {ଗୀତା ପ୍ରେସର ଅର୍ଥ ଟୀକା ସହ ଆସୁଥିବା} ମୁଁ ଅତି ଆନନ୍ଦର ସହ ହଁ ମାରିଲି ଏବଂ ସେ ବହିଟି ମୋ ଆଈଙ୍କ ଶ୍ରାଦ୍ଧ ବାର୍ଷିକୀରେ ମାମୁଁ ଘରକୁ ଗଲେ ମାମୁଁଙ୍କୁ ଦେଇ ଦେବି ବୋଲି ମନେ ମନେ ଠିକ କଲି । କିନ୍ତୁ କାଳିଆର ଇଚ୍ଛା ଥିଲା କିଛି ଅଲଗା, ବହିଟି କିଣିଲି, ମୁଁ ମାମୁଁ ଘରକୁବି ଗଲି, କିନ୍ତୁ ଦୁର୍ଭାଗ୍ୟବଶତଃ ତାକୁ ବ୍ରହ୍ମପୁରସ୍ଥିତ ମୋ ହଷ୍ଟେଲରେ ଛାଡି ଦେଇ ଚାଲି ଗଲି,ମନ ମୋର ଭାରି ଦୁଃଖ ହେଲା । ଭାବିଲି କେଡ଼େ ଦାୟିତ୍ଵହୀନଟେ ମୁଁ ମାମୁଁଙ୍କର ଏଇ ଛୋଟିଆ କାମଟିକୁ ବି କରିପାରିଲି ନାହିଁ । ତହୁଁ ମାମୁଁଙ୍କୁ ଏକଥା କହିଲି । ମାମୁଁ କହିଲେ ହଉ ହେଲା ଭୁଲି ଗଲୁ ତ ଭୁଲି ଗଲୁ ଆର ଥର ଆସିଲେ ମୁଁ ନେଇଯିବି । ମନ କିନ୍ତୁ ମୋର ଖାଲି ଗୋଳେଇ ଘାଣ୍ଟି ହେଉଥାଏ । ହଠାତ୍ ମୁଁ ମାମୁଁଙ୍କୁ ପଚାରିଲି, ମାମୁଁ ତମେ କେବେ ଗୁଜୁରାଟ ଯିବ ଆଉ କେଉଁଠୁ ଯିବ (ଏଠାରେ କହି ରଖେ ମୋ ମାମୁଁଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ଏବଂ ଯାହା କି ପଶ୍ଚିମବଙ୍ଗ ସୀମା ସଂଲଗ୍ନ, ଯେଉଁଠାରୁ ଖଡ଼ଗ୍ପୁର ମାତ୍ର ୭୦-୮୦ କି.ମି ଦୂର ତେଣୁ ମାମୁଁ ଅନେକ ସମୟରେ ଖଡ଼ଗପୁରରୁ ହିଁ ଟ୍ରେନ ଧରି ଗୁଜୁରାଟ ଯାଆନ୍ତି) ମାତ୍ର ଏଥର ତ କାଳିଆର ମହନୀୟ ଲୀଳାରେ ମାମୁଁ ବି ଗୋଟେ ମୁଖ୍ୟ ଭୂମିକା ନୀର୍ବାହ କରିବାର ଅଛି ତେଣୁ ସେ ପଶ୍ଚିମବଙ୍ଗ ହେଇ ଯାଆନ୍ତେ ବା କିପରି! ସେ ଏଥର ଆଗତୁରା ପୁରୀ–ଗାନ୍ଧୀଧାମ୍ ଟ୍ରେନରେ ଟିକେଟ୍ କରିଛନ୍ତି । ଶୁଣି ଖୁସିଲାଗିଲା । ମାମୁଁ ଙ୍କୁ କହିଲି ତୁମେ ଗୁଜୁରାଟ ଯିବା ଦିନ ମୁଁ ପୁରୀ

ଯାଇ ତୁମକୁ ବହିଟି ଦେଇ ଆସିବି । ସେତିକି ବେଳରୁ ହିଁ ମୋ ମନରେ ଖେଳିଗଲା ଆନନ୍ଦର ଢ଼େଉ ଚକ୍ଷୁରୁ ଝରିଲା ଆନନ୍ଦାଶ୍ରୁ । ଯେଣୁ ଏକାଥରେ କଦଳିବିକା ଓ ଠାକୁରଦେଖା ଦୁଇଟି ଯାକ ହେବ । ଅର୍ଥାତ୍ ମାମୁଁଙ୍କୁ ଗୀତା ଦେଇ ପାରିବି ଆଉ ପ୍ରାଣ ପ୍ରିୟ କାଳିଆଠାକୁରଙ୍କୁ ବି ମନ ପୁରାଇ ଦେଖିବି । ଅପେକ୍ଷା କଲି ସେ ଦିନକୁ, କେବେ ଆସିବ ଡିସେମ୍ବର ୧୯.....

ସବୁ ପ୍ରତୀକ୍ଷା ର ଅନ୍ତ ଘଟାଇ ଡିସେମ୍ବର ୧୮ ତାରିଖ ଦିନ ବ୍ରହ୍ମପୁରରୁ ପୁରୀ ବାହାରିଲି । ପୁରୀ ପହଞ୍ଚୁ ପହଞ୍ଚୁ ରାତି ୧୧ । ଶ୍ରୀମନ୍ଦିର ବନ୍ଦ ହେଇଯାଇଥିବ ଭାବି ଆଉ ସେଦିନ ମନ୍ଦିର ନଯାଇ । ଗୁଣ୍ଡିଚା ମନ୍ଦିର ପଛପଟେ ରହୁଥିବା ବନ୍ଧୁର ମେସରେ ରାତ୍ରୀ ଯାପନ କଲି । ଏହା ଥିଲା ପୁରୀରେ ମୋର ପ୍ରଥମ ରାତ୍ରୀଯାପନ । ଏତେ ପଥ ଅତିକ୍ରମଣ କରି ଆସିଥିବାର କ୍ଲାନ୍ତି ଏବଂ ଶୀଘ୍ର ସକାଳ ହେଲେ ମହାପ୍ରଭୁଙ୍କୁ ଦେଖିବାର ଆତୁରତା ଭିତରେ କେତେ ବେଳେ ଯେ ନିଦ ଆସିଗଲା ମୁଁ ଜାଣି ପାରିନଥିଲି । ତହିଁ ପରଦିନ ସକାଳୁ ସ୍ନାନାଦି ନିତ୍ୟକର୍ମ ସମାପନାନ୍ତେ ବାହାରିଲି ବଡ଼ଦେଉଳର ବଡ଼ସାଆନ୍ତଙ୍କୁ ଦେଖିବା ପାଇଁ ବଡଦାଣ୍ଡରେ ପହଞ୍ଚିଲା କ୍ଷଣି ମନରେ ଖେଳିଗଲା ଅପୂର୍ବ ଆନନ୍ଦ । ଗାତ୍ର ରୋମାଞ୍ଚିତ ହେଲା ଜଗନ୍ନାଥ ଚେତନାରେ । ସେ ବଡଦାଣ୍ଡ କଥା କଣ ଆଉ କହିବି । ସବୁଠି ଜଗନ୍ନାଥମୟ । କେଉଁଠି ମୂର୍ତ୍ତୀ ରୂପରେ କେଉଁଠି ଫଟୋ ରୂପରେ ତ ଆଉ କେଉଁଠି ଅଟୋ ବା ବସ ପଛପଟ କାଚରେ ତଥା ସମସ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ । ମନେ ହେଲା ଯେମିତି ସାଆନ୍ତେ ମୋ ଭାରି ବଢିଆ । ମନ୍ଦିରକୁ ଗଲି । ଅରୁଣ ସ୍ତମ୍ଭ, ପତିତପାବନ, କାଶୀ ବିଶ୍ୱନାଥ ,ସତ୍ୟନାରାୟଣ.. ମାର୍କଣ୍ଡେଶ୍ୱର, ଯମେଶ୍ୱର, ହରିହର, ଯୋଗମାୟା, କଳ୍ପବଟ, ବଟନାରାୟଣ, ମା ବିମଳା, ସାଖୀ-ଗୋପାଳ, କାଞ୍ଚୀଗଣେଶ, ମା'ମହାଲକ୍ଷ୍ମୀ, ନବଗ୍ରହ, ସୂର୍ଯ୍ୟନାରାୟଣ, ନୀଳମାଧବ, କାନପତା ହନୁମାନ ପ୍ରଭୃତି ବେଢାଦିଅଁଙ୍କ ଦର୍ଶନାନ୍ତେ ଗଲି ଗରୁଡ଼ ସ୍ତମ୍ଭ ପାଖକୁ । ଏହାର ବେନି ପାର୍ଶ୍ୱରେ ଯୋଡହସ୍ତରେ ଦଣ୍ଡାୟମାନ ପରମବୈଷ୍ଣବ ଶିବଶଙ୍କର ଓ ବେଦପତି ବ୍ରହ୍ମାଙ୍କୁ ପ୍ରଣିପାତ କରି ଗରୁଡ ପଛରୁ ଚାହିଁ ଦେଲି କୋଟୀ କୈବଲ୍ୟନିଧି ଜଗତର ନାଥ କଳା ମଣିମା କୁ । ମା ସୁଭଦ୍ରିକେଙ୍କୁ ତଥା ଶ୍ରୀମନ୍ଦିରର ମୁରବି ବଳିଆଙ୍କୁ । ଭକ୍ତିଭାବରେ ପ୍ରଣିପାତ କଲି । କିନ୍ତୁ କେଜାଣି କାହିଁକି ମନରେ ସେ ଭାବ ସଞ୍ଚାର ହେଲାନାହିଁ । ଯେଉଁ ଭାବ ଆଗରୁ କାଳିଆ ଦର୍ଶନରେ ଏ ଅକିଞ୍ଚନକୁ ପ୍ରାପ୍ତ ହେଉଥିଲା । ମନରେ ସେ ଶାନ୍ତି ମିଳିଲାନି । କାହିଁକି ଏମିତି ହେଲା ଭାବିଲି । ଏବଂ ପୁଣି ଚିନ୍ତା କଲି ମୋ ମନରେ ବୋଧେ କାଳିଆ ପ୍ରତି ଆଉ ଆଗ ଭଳି ଭଲ ପାଇବା ନାହିଁ । ମନଟା ଟିକେ କଷ୍ଟଲାଗିଲା । ବିଚିତ୍ରକର୍ମାର ବିଚିତ୍ର ଇଚ୍ଛାକୁ ସମ୍ମାନ ଦେଇ, ମୁଁ ଚାଲିଲି ଆନନ୍ଦ ବଜାର ଆଡ଼େ । ଯେମିତି ନିଜ ଘର ରୋଷେଇ ଘରକୁ ପସୁଛି ସେଇ ଅଧିକାର ନେଇ । ସମୟ ୧୧ ଟା ପାଖାପାଖି । ଅବଢ଼ା ବାହାରିବାକୁ ବିଳମ୍ବ ହବା ଜାଣି, ବାସି ଅବଢ଼ା କାନିକାରୁ ଦି'ଚାରି ଗୁଣ୍ଡା ମାରିଦେଇ, ପେଟେ ଟଙ୍କତୋରାଣୀ ପିଇଦେଲି । ନିଦ ଲାଗିଲାରୁ ଚାଲିଲି ନାହିଁ କଟା ମଣ୍ଡପକୁ । ପେଟେଇକି ଶୋଇଗଲି ସେଠି । ମନେ ପଡ଼ିଗଲା ପୁରାଣର କଥାଟି । ଯେ ଶ୍ରୀକ୍ଷେତ୍ରରେ ଶୋଇବାମାନେ ଦଣ୍ଡପ୍ରଣାମ । ହସଲାଗିଲା ଭାରି । କହି

ପକେଇଲି ଦେଖରେ କାଳିଆ ଦଣ୍ଡପ୍ରଣାମ କରୁଛି ତୋତେ । ପ୍ରଭୁ ଯେମିତି ବେହିଆ ତା' ଭକ୍ତ ମାନେ ତ"ଠୁ ବଡ଼ ବେହିଆ । ସେ ଯାହା ହେଉ, କିଛି ସମୟ ଅଚିନ୍ତା ନିଦରେ ଶୋଇ ପଡ଼ିବାପରେ ଭାବିଲି ଯାଏ, ୨୫ ଟଙ୍କିଆ ପ୍ରଭୁଙ୍କୁ ଦେଖିଆସେ । ଆପଣ ମାନେ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ ଶ୍ରୀମନ୍ଦିରରେ ଏଇ ୨୫ ଟଙ୍କିଆ ପ୍ରଭୁ ପୁଣି କିଏ ? ଆଜ୍ଞା ବ୍ୟସ୍ତ ହୁଅନ୍ତୁନି ସେ ଆମ କାଳିଆ । ୨୫ ଟଙ୍କା ଦେଇ ଟିକଟଟେ କାଟିଲେ ତାଙ୍କୁ ଗର୍ଭ ଗୃହରେ ଅତିପାଖରୁ ଦେଖି ହୁଏ । ସାରା ଦୁନିଆ ତାଙ୍କୁ ପରିମାଣିକ ଦର୍ଶନ କହିଲା ବେଳେ ମୁଁ କୁହେ ୨୫ ଟଙ୍କିଆ ଦିଅଁ, କିନ୍ତୁ କାଳିଆର ଦୟାରୁ ସେ ଭାଗ୍ୟ ମୋତେ ପ୍ରାପ୍ତ ହେଲାନି କାରଣ ଆନନ୍ଦ ବଜାର ଠାରୁ ଲକ୍ଷ୍ମୀ ମନ୍ଦିର ଦେଇ ରୋହିଣୀ କୁଣ୍ଡ ପର୍ଯ୍ୟନ୍ତ ଟିକେଟକ୍ରେତା ମାନଙ୍କ ଭିଡ଼ ଲାଗିଥିଲା ଆଉ ତା ସାଙ୍ଗକୁ ଆମର ଜଗନ୍ନାଥଙ୍କର କିଛି ସେବକ ମହୋଦୟ ପରିମାଣିକ ଅର୍ଥାତ୍ ୨୫ ଟଙ୍କିଆ ଠାକୁରଙ୍କୁ ୧୦୦ ଟଙ୍କିଆ ଠାକୁର କରି ଦେଇଥିଲେ । ସିନେମା ହଲ୍‌ରେ ଟିକେଟ୍ ବ୍ଲାକ ହବା କଥା ଶୁଣିଥିଲି ମନ୍ଦିରରେ ବ୍ଲାକ୍ ହେବା ପ୍ରଥମେ ଦେଖିଲି । ଆନ୍ନାହଜାରେ ଏବେ କୁହ ଏ ଦୂର୍ନୀତି ପାଇଁ କଣ ତୁମେ ଜଗତପାଲ ବିଲ ଆଣିବ??? ସେ ଯାହା ହେଉ । ମୋ ବୁଦ୍ଧି ବାମ ହେଲା ପରି ଲାଗିଲା । ଭାବିଲି "ମନ୍ଦିରେ ଭିଡ଼ ଲାଗିଛି ଭିଡ଼କୁ କିଏ ଯାଉଚି"...ଗଲିନାହିଁ ....

ଏପଟେ ମାମୁଁଙ୍କର ପୁରୀ ପହଞ୍ଚିବା ସମୟ ହେଇଗଲା (ଦୂର୍ଗ-ପୁରୀ ଏକ୍ସପ୍ରେସରେ ଭୁବନେଶ୍ୱରରୁ ପୁରୀ ଆସୁଥିଲେ ) । ମାମୁଁ ଟ୍ରେନରୁ ଓହ୍ଲାଇବା ସମୟରେ ପାଖାପାଖି ୨୦୦ ଲୋକ ଟ୍ରେନରୁ ଓହ୍ଲାଇଲେ ସେମାନେ ସମସ୍ତେ ଅଣଓଡ଼ିଆ ଏବଂ ଅର୍ଧାଧିକ ଛାତ୍ରଛାତ୍ରୀ ଓ ବାକି ସବୁ ବୟସ୍କ ବ୍ୟକ୍ତି ଥିଲେ । ସେମାନେ ପୁରୀ ଷ୍ଟେସନରେ ଓହ୍ଲାଇଲା ସମୟରେ ମୁଁ ମାମୁଁଙ୍କ ଟ୍ରେନରୁ ଜିନିଷପତ୍ର ଓହ୍ଲାଇବାରେ ସାହାଯ୍ୟ କରୁଥାଏ । ଏ ସମୟରେ ସେ ଲୋକମାନେ ଏକା ସାଙ୍ଗରେ କହି ଉଠିଲେ ଜଗଦୀଶ୍ୱର ଜଗନ୍ନାଥଜୀ କୀ ଜୟ । ନିମିଷକ ପାଇଁ ଏ ଧ୍ୱନୀ ପୁରୀ ଷ୍ଟେସନରେ ଗୁଞ୍ଜରିତ ହେଲା ରୋମ ମୋର ଟାଙ୍କୁରୀ ଉଠିଲା । ଆଖିରୁ ମୋର ଅଜାଣତରେ ବହିଗଲା ଦି ଧାର ଲୁହ । କାରଣ ଥିଲା ଏକ ସମ୍ପୂର୍ଣ ଅପରିଚିତ ଗୋଷ୍ଠୀ ମୁହଁରୁ ମୋ ପ୍ରାଣପ୍ରିୟ ଲୋକର ଜୟ ଜୟକାର । ତଥା ମୋ କାଳିଆର ଜୟ ଜୟକାର ଅନ୍ୟ କେହି କରୁଥିବାରୁ ତାଙ୍କ ପ୍ରତି ମୋର ଈର୍ଷା ସେ ଯାହା ହେଉ କୌଣସି ମତେ ନିଜକୁ ନିୟନ୍ତ୍ରିତ କରି ମାମୁଁଙ୍କ ଜିନିଷପତ୍ରକୁ ଠିକ ଯାଗାରେ ରଖିଦେଲି । ଓ ତାଙ୍କ ସହ ପୁଣି କାଳିଆ ଦର୍ଶନ ସାରି ତାଙ୍କୁ ଗୀତା ବହିଟି ଦେଇ । ତାଙ୍କ ପୁରୀ ଗାନ୍ଧୀଧାମ ଟ୍ରେନରେ ବସାଇ ପୁଣି ମନ୍ଦିର ଫେରିଲି । ହଠାତ୍ ଭାବିଲି ଆଜି କାଳିଆର ଦୂର୍ଲଭ ବଡ଼ସିଂହାର ବେଶ ଦର୍ଶନ କରନ୍ତି କି ଆଉ, ତା'ପରେ ଚାଲିଲି ବଡ଼ ଦେଉଳକୁ ରାତି ପ୍ରାୟ ୮ଟା ବେଳକୁ । ବଡ଼ ଦେଉଳର ବଡ଼ଦୁଆରକୁ ଡେଉଁ ଡେଉଁ ବଡ଼ ଭୋଗ ଖାଇବାର ଅଦମ୍ୟ ଇଚ୍ଛା ମୋ ମନକୁ ଛୁଇଁଲା । ସାଙ୍ଗରେ ବନ୍ଧୁକୁ ନେଇ ଚାଲିଲି ପୃଥିବୀର ସବୁଠାରୁ ବଡ଼ ଖୋଲା ଆକାଶ ତଳ ହୋଟେଲକୁ । ଦୁଇ ବନ୍ଧୁ ମିଶି ଆନନ୍ଦରେ ପେଟ ପୁରା ଅବଢ଼ା ଖାଇଦେଲୁ । କଣ ଆଉ କହିବି ତା ସ୍ୱାଦ ଜଗନ୍ନାଥଙ୍କ ଘର ମା'ଲକ୍ଷ୍ମୀଙ୍କ ରାନ୍ଧଣା କ'ଣ ଆଉ ତ' ପଟାନ୍ତର ଦେବି ! ସେ ଯାହା ହେଉ ଆନନ୍ଦରେ ଆନନ୍ଦ ବଜାରରୁ ଫେରିଲୁ ବନ୍ଧୁ

ମୋର ଚାକିରିଆ ତେଣୁ ସେ ରହିପାରିଲାନି ମୋ ସହ ତାକୁ ବିଦାୟ ଦେଇ ବଡସିଂହାରର ଦର୍ଶନ ଆକାଂକ୍ଷା ନେଇ ବଡଦେଉଳର ଜଗମୋହନକୁ ଚାଲିଲି । ପଣ୍ଡା ଜଣକୁ ପଚାରିଲି । କେତେ ବେଳେ ହବ ସେଇ ଦୂର୍ଲଭ ବେଶ । ପଣ୍ଡା ଜଣକ ହସି କହିଲେ ବାପାରେ ଆଜି ବେଶ ହଉ ହଉ ରାତି ଗୋଟାଏ ହେବ । କାରଣ ଦିନ ବେଳୁ ନୀତିରେ ଆଜି ବିଳମ୍ବ ଘଟିଛି । ମୋତେ ଭାରି ହସ ଲାଗିଲା । ଭାବିଲି କାଳିଆରେ ଘରକୁ ଡ଼ାକି ଆଣି ପୁଣି ପରୀକ୍ଷା ନଉଛୁ । ଜାଣିଛି ତୋତେ ଜିଣିବାର ଶକ୍ତି ମୋର ନାହିଁ । ତଥାପି ମୁଁ କଣ ଏତେ ସହଜରେ ଛାଡ଼ି ଦେବି ? ତୁ ଜଗତର ନାଥ ହେଲେ ମୁଁ ଜଗତର ନାଥଙ୍କ ଦାସାନୁଦାସ । ତୁ ଯେଡ଼େ ବଡ଼ ମୁଁ ସେତେ ଛୋଟ । ତେଣୁ ମୁଁ ଆଜି ଦେଖିବି ତୁ କେମିତି ମୋତେ ବଡ଼ସିଂହାର ବେଶରେ ଦର୍ଶନ ନ ଦେଇ ରହିବୁ । ପାଗଳା ମଣିଷ ତ ପ୍ରଭୁଙ୍କ ଲୀଳା ବୁଝି ନପାରି ଏମିତି ବାହାସ୍ଫୋଟ ମାରିଦେଲି । ସମୟ ଧିରେ ଧିରେ ଅତିକ୍ରାନ୍ତ ହେଲା । ରାତି ୧୧ । ଶ୍ରୀମନ୍ଦିର ଧୀରେ ଧୀରେ ଜନଶୂନ୍ୟ ହେବାକୁ ଲାଗିଲା । କେବଳ ଆମେ ପାଞ୍ଚଜଣ ଲୋକ ଆଉ ପଣ୍ଡାଏ । ସମୟ ବଢ଼ିବା ସଙ୍ଗେ ସଙ୍ଗେ ଉତ୍କଣ୍ଠା ମଧ ମହୋଦଧିର ଉତ୍ତାଳ ତରଙ୍ଗ ଭଳି ମୋ ମନ ସାଗର ବକ୍ଷରେ ଆଲୋଡନ ସୃଷ୍ଟି କରିଚାଲୁଥାଏ । ଏଇ ଭିତରେ ନାଟୁଆ କାଳିଆ ବି ତା ଲୀଳା ଆରମ୍ଭ କଲା । ବଡସିଂହାର ତ ଦେଖିବାର ଇଚ୍ଛା ଥିଲା କିନ୍ତୁ ତା' ଆଗରୁ ଯେ ମୋ କାଳିଆ ଏତେ ରଙ୍ଗ ଦେଖେଇବ ସେ କଥା କିଏ ଜାଣିଥିଲା । ଏହି ସମୟରେ ହଠାତ୍ ମଣିମା ମଣିମା ବୋଲି ଡ଼ାକ ପଡ଼ିଲା । କଣ ହେଲା ବୋଲି ପଣ୍ଡାମାନଙ୍କୁ ପଚାରିବାରୁ ପଣ୍ଡାଏ କହିଲେ ରାତିଭୋଗ ଆସୁଛି ଭୋଗ ଲାଗିବା ପାଇଁ । ମୁଁ ପୁଣି ପଚାରିଲି ବଡସିଂହାର କେତେ ବେଳେ ହେବ ସେ କହିଲେ ଭୋଗ ସରିଲେ ବେଶ ହେବ । ବେଶ ପରେ ଚନ୍ଦନ ଲାଗି ତା'ପରେ ଆଳତୀ ଏବଂ ତା'ପରେ ବଡ଼ସିଂହାର ଏବଂ ଟୋପଲାଗି ଓ ତା'ପରେ ପହୁଡ଼ । ମୁଁ ଆନନ୍ଦିତ ହେଲି । ଏକାଗ୍ର ଚିତ୍ତରେ ଚାହିଁ ରହିଲି କଣ ହେଉଛି ସବୁ ଦିନେ ତ ଏ ମହାର୍ଘ୍ୟ ଦୃଶ୍ୟ ଦେଖିବାର ସୌଭାଗ୍ୟ ଯୁଟେ ନାହିଁ ଆଜି ଯେତେ ବେଳେ ପାଇଛି ତା'ର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିଚାଲିଲି । କି ଅମୃତଝରା ସେ ବେଶ ନିଶାର୍ଦ୍ଧର ନିଃଶବ୍ଦ ପରିବେଶରେ ସତେ ଭଗବତସତ୍ତାର ମହାନାଦ ଝଙ୍କୃତ କରୁଛି । ଆହା କି ଆନନ୍ଦ ସେ । ଇର୍ଷା ହେଲା ମୋର ସେ ପଣ୍ଡାଙ୍କ ଉପରେ କାଳିଆ ଦେହରେ ଘଷି ହେଉଚନ୍ତି କେଡ଼େ ନିର୍ଭୟରେ । ଗୋପୀ ଭାବକୁ ଦେଖି ଯେମିତି ନାରଦଙ୍କ ଗର୍ବ ଚୂର୍ଣ୍ଣିଭୂତ ହୋଇଥିଲା ଠିକ୍ ସେମିତି ମୁଁ ନିଜକୁ ସେଠି କ୍ଷୁଦ୍ରାତିକ୍ଷୁଦ୍ର ମନେ କଲି । ଆଉ ଦେଖିଚାଲିଲି ବେଶ ପରିପାଟି । ଭୋଗ ଲାଗିଗଲା । କଣ ଭୋଗ ଜାଣିଛନ୍ତି । ଖାଣ୍ଟି ଓଡିଆଖାଦ୍ୟ ଘିଅ ଜୀରାଦି ଛୁଙ୍କ ଦିଆ ପଖାଳକୁ କଦଳୀ ଭଜା । କି ବେହିଆ ଠାକୁର କହିଲେ । ସାରା ଦୁନିଆଁ ଯେତେ ବେଳେ ଶୀତରେ ଥରୁଛି ସେତେ ବେଳେ ସେ ସେହି ପୁଷ ମାସ ଶୀତରେ ପଖାଳ ଖାଉଛି । ସତରେ ଧନ୍ୟ ତୁ ଧନ୍ୟ ତୋ ଲୀଳା । ଭୋଗ ଶେଷ ହେଲା । ଭାବିଲି ଟିକେ କାଳିଆକୁ ପାଖରୁ ଦେଖନ୍ତିନି । ମନର ଭୋକ ସମ୍ଭାଳି ନପାରି ୨୫ ଟଙ୍କା ଦେଇ ପରିମାଣିକ ଦର୍ଶନ ମୋ ଭାଷାରେ ୨୫ ଟଙ୍କିଆ ଦିଅଁ ଦର୍ଶନ ପାଇଁ ଟିକଟ କାଟିଲି । ଚାଲିଲି ଗର୍ଭ ଗୃହକୁ । ଦେହ ପୁରି ଉଠୁଥିଲା ଏକ ଅପୂର୍ବ ଉନ୍ମାଦନାରେ । ସତେକି

ବହୁ ଦିନରୁ ଦେଖି ନଥିବା ଆତ୍ମୀୟକୁ ଆଜି ଖୁବ୍ ପାଖରୁ ଦେଖିବି!!!! ସେ ଯାହା ହେଉ ଏଇ ସମୟରେ ଆମ ପାଞ୍ଚଜଣ ଦର୍ଶନାର୍ଥୀଙ୍କ ଭିତରୁ ଜଣକ ଉପରେ ନଜର ପଡିଲା । ସମବୟସ୍କ ମୋର ଛୁଟି ଆସିଛନ୍ତି ସୁଦୂର ଢ଼େଙ୍କାନାଳ ଯୋରନ୍ଦାରୁ ଉଦ୍ଦେଶ୍ୟ ଏକ, ବଡ଼ସିଂହାର ଦର୍ଶନ ସେ ଯାହା ହେଉ ତାଙ୍କ ସହ ସ୍ୱଳ୍ପ ସମୟ କଥାବାର୍ତ୍ତା ଭିତରେ ତାଙ୍କ ସହ ବନ୍ଧୁତା ହେଇଗଲା । ଗମ୍ଭୀରା ଭିତରେ ପଶି ଚନ୍ଦନ ଅର୍ଗଳୀ ଦେଇ ଆସିଲି କାଳିଆ ସାଆନ୍ତ ସାମ୍ନାକୁ । ଅଟକାଇ ପାରିଲିନି ନିଜକୁ । ଦେହ ମୋର କମ୍ପମାନ ହେଲା ରୋମ ଟାଙ୍କୁରି ଉଠିଲା । ଆଖିରୁ ଅବିରାମ ଗତିରେ ଗଡ଼ିଚାଲିଲା ଗଙ୍ଗାଜମୁନାର ଧାରା ଚକାନୟନକୁ ଅନାଉ ଥାଏ ଆଉ ଲୁହଧାର ଝରି ପଡୁଥାଏ । କାଳେ ମୋର ଏହି ଅବସ୍ଥା କାହାକୁ ପ୍ରଭୁ ଦର୍ଶନରେ ବାଧା ଦେବ ସେ କଥା ଭାବି ମୁଁ ଟିକେ କଣେଇ ଗଲି ଆଖିଲୁହ ଝରିଝରି ସୁଖିଗଲା ଏବେ କେଜାଣି କାହିଁକି ଭାରି ହସ ଲାଗିଲା । ସତେ ଯେମିତି ହସ ମୋର କହୁଥିଲା । କାଳିଆରେ ତୁ ହାରିଗଲୁ ମୁଁ ଜିତିଗଲି । ଶ୍ରୀମନ୍ଦିରରେ ସେବାରତ ପୋଲିସ ଜଣକ ଧୀରେ ଧୀରେ ସମସ୍ତଙ୍କୁ ଗର୍ଭଗୃହରୁ ବାହାର ଯିବାକୁ କହିଲେ । ଏବଂ ସମସ୍ତେ ତାହା ହିଁ କଲେ କେବଳ ମୁଁ ଏକା ରହିଗଲି । ପୋଲିସ ଜଣକ ଆସିଲେ ମୋତେ ଦେଖିଲେ କେଜାଣି କାହିଁକି କିଛି ନକହି ଚାଲିଗଲେ । ହଠାତ ମୋ ଦେହ ପୁଣି ଆନନ୍ଦରେ ଅଧୀର ହେଇଗଲା । କାହିଁକି ଜାଣିଛନ୍ତି ଗର୍ଭଗୃହରେ ଆଉ କେହି ନଥିଲେ ଥିଲେ ୩ ଦିଅଁଙ୍କ ତିନି ସେବକ ଓ ମୁଁ । ତାହା ଦେଖି ମୋର କ'ଣ ଅବସ୍ଥା ହେଲା ତାହା ବର୍ଣ୍ଣନା କରିବା ଶକ୍ତି ମୋ କଲମର ନାହିଁ । ସାଷ୍ଟାଙ୍ଗ ପ୍ରଣିପାତ କରିବି ନା ହାତ ଯୋଡ଼ି ଜୁହାର ହେବି ନା ହାତ ଟେକି ନାଚିବି କିଛି ବୁଝିପାରୁନଥିଲି । ଶେଷରେ ତିନି ଦିଅଁଙ୍କ ସାମ୍ନାକୁ ଯାଇ ଦି'ହାତକୁ ଟେକି ଦେଲି । ଆଉ କହିଲି ପ୍ରଭୁ ହେ, ମୁଁ ହାରିଗଲି ତୁ ଜିତିଗଲୁ । ଦୁନିଆଁର ସର୍ବୋଚ୍ଚ ସୁଖ ତୁ ଆଜି ମୋତେ ଦେଇ ଦେଲୁ । ଆଉ କିଛି ଲୋଡ଼ା ନାହିଁ ରେ କାଳିଆ ତୋ ଛଡା ଆଉ ସବୁ ମିଛ ତୁ ହି ଭାଷାତିତ ତୋ ମହିମା କଳନାତୀତ । ତୁ ଅନନ୍ତ, ମୋର ସବୁ ଅପରାଧ କ୍ଷମା କର.....ଜୟ ଜଗନ୍ନାଥ । ସତରେ ମୋତେ ଯେଉଁ ଭାଗ୍ୟ ଆଜି ଦେଲୁ, ସେଇଟା କେବଳ ଗଜପତି ମହାରାଜା, ପ୍ରଧାନମନ୍ତ୍ରୀ ବା କୌଣସି ଅତିବିଶିଷ୍ଟବ୍ୟକ୍ତିଙ୍କ ପାଇଁ ଅଥବା କେଉଁ ଭକ୍ତଶିରୋମଣୀ ପାଇଁ ହୁଏତ ସମ୍ଭବ ହେଇପାରେ । କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ କେହି ନୁହଁ କିନ୍ତୁ ତାହା ମୋତେ ପ୍ରାପ୍ତ ହେଲା । ମୁଁ ଆଉ କଣ କହିବି । ମୁଁ ମୁକ ପ୍ରଭୁ ମୋର ଆଉ କିଛି ଅଭିଳାଷା ନାହିଁ । ତୁହିଁ ଧନ୍ୟ ତୋ ଲୀଳା ଧନ୍ୟ ।

ହେ ସୁଧି ପାଠକେ ମୁଁ ଆପଣ ମାନଙ୍କୁ କଣ ଆଉ କହିବି । ସତରେ କଳା ମଣିମା ର ରତ୍ନସିଂହାସନ ତଳେ ଘଣ୍ଟାଏ ଠିଆ ହେବାର ଦୂର୍ଲଭ ଅବସରକୁ ଭାଷାରେ କଣ ଆଉ ବର୍ଣ୍ଣିବି । ଆଖିରୁ କେତେବେଳେ ଲୁହ ଝରି ଯାଉଛି ତ ପୁଣି କେତେବେଳେ ହସି ହସି ମନ ନାଚି ଯାଉଛି ସେ ଯାହା ହେଉ ଏଇମିତି ଅନସ୍ଥାରେ ମୁଁ ଟିକିଏ ପଛେଇ ଆସିଲି ରତ୍ନସିଂହାସନଠୁ ଆଉ ଦି ହାତ ଟେକି ଦେଲି କାଳିଆ ବଳିଆ ଆଉ ସୁଭଦ୍ରାଙ୍କ ସାମ୍ନାରେ । ଆସିବାକୁ ଜମା ଇଛା ହେଉ ନଥାଏ ତଥାପି ଭାବିଲି ମୋ ଯୋଗୁଁ କାଳେ ନୀତିରେ ପୁଣି ବିଭ୍ରାଟ ହେବନି ତ । ବାହାରି

ଆସିଲି ସେଠୁ କହିଲି ଦିନରେ ଏ ଆଖିରୁ ଟୋପାଏ ଲୁହ ଗଡ଼ାଇବାକୁ ଦେଲୁନି ଆଉ ରାତିରେ ସବୁ ଲୁହ ସୁଖେଇ ଦେଲୁ । ଧନ୍ୟ କାଳିଆ । କ'ଣ ବା ଆଉ ତୋତେ ମୁଁ ଦେଇ ପାରିଥାନ୍ତି । ଲୁହ ଛଡ଼ା ଆଉ କଣ ବା ଥିଲା ମୋର । ରାତି ସେତେ ବେଳକୁ ପ୍ରାୟ ୧.୩୦ ପାଖାପାଖି, ଭିତରୁ ଆସି ଜଗମୋହନରେ ଅପେକ୍ଷା କଲି ଦେବଦୁର୍ଲଭ ବଡ଼ସିଂହାରକୁ, ଏଇ ଭିତରେ ଚନ୍ଦନଲାଗି ବେଳ ହେଇଗଲା ବାସଚନ୍ଦନ କଳା ଶ୍ରୀଅଙ୍ଗରେ ଲଗେଇଦେଲେ ପଣ୍ଡାଏ । କି ସେ ବାସ୍ନା ସାରାମନ୍ଦିର ଚନ୍ଦନ ଚନ୍ଦନ ବାସିଲା । ତା'ପରେ ସେଇ ଛଡ଼ା ଚନ୍ଦନପାଣିକୁ ପାଇଲି ଆଉ ଆଳତି ଦେଖିଲି । ଏଇ ସମୟରେ ଜଣେ ପଣ୍ଡା ପଖାଳ ଭୋଗ ଆଣିଲେ । ମୋ ଯୋଉନ୍ଦା ବନ୍ଧୁ ପଖାଳଟିଏ ତାଙ୍କ ପାଖରୁ ଆଣି ମୋତେ ଡ଼ାକିଲେ ଆମେ ଦୁହେଁ ମହା ଆନନ୍ଦରେ ପଖାଳ କଦଳୀ ଭଜାସେବନ କଲୁ । ଏମିତି ସ୍ୱାଦ ଯେ ମୋ ସ୍ୱାଦୁମୁକୁଳ ଆଉ କିଛି ଖାଇବାର ଅଭିଳାଷ ହିଁ ପାଶୋରି ଦେଲା । ଆରମ୍ଭ ହେଲା ବଡ଼ସିଂହାର ବେଶ । କିଏ ବସ୍ତ୍ର ଦଉଛି କିଏ ଫୁଲ ଦେଉଛି ଆଉ କିଏ ତୁଳସୀର ମାଳ । ଏଇ ସବୁ ପଦାର୍ଥ ଶ୍ରୀଅଙ୍ଗରେ ଲାଗି ହବା ହେତୁ ଶ୍ରୀଅଙ୍ଗ ଶୋଭାବନ ଦିଶୁଥିଲା ନା ଶ୍ରୀଅଙ୍ଗ ସ୍ପର୍ଶ ପାଇ ଏଇ ସବୁ ସୁନ୍ଦର ହେଇ ଯାଇଥିଲେ କିଛି ବୁଝା ପଡୁନଥିଲା । ସେ ଯାହାହେଉ ପ୍ରାୟ ଘଣ୍ଟାଏ ପରେ ଅର୍ଥାତ ୨.୪୫ ବେଳକୁ ସମ୍ପୂର୍ଣ ବଡ଼ସିଂହାରରେ ସଜ୍ଜିତ ହେଇ ଯାଇଥିଲେ ବଡ଼ଠାକୁର । ଶ୍ରମସାର୍ଥକ ହେଲା ଜୀବନ ଧନ୍ୟ ହେଲା ସେ ବେଶକୁ ଦେଖି । ଦେବତାମାନେ ଯେଉଁ ବେଶର ଦର୍ଶନାକାଂକ୍ଷୀ ସେ ବେଶ ଏ ଚର୍ମ ଚକ୍ଷୁ ଦେଖିଲା ଆଉ କଣ ଦରକାର ଏଇ ଜୀବନରେ !! ବେଶାନ୍ତେ ପୁଣି ଆଳତି ହେଲା । ଏବଂ ଶୀତରୁ ରକ୍ଷା ପାଇବାପାଇଁ ମହାପ୍ରଭୁଙ୍କୁ ଟୋପଲାଗି କରାଗଲା । ଜଗମୋହନକୁ ବିଜେ କଲେ ଶଯ୍ୟା ନାରାୟଣ । ତାଙ୍କର ଉପଚାର ସମାପନାନ୍ତେ । ରତ୍ନ ଖଟ ବିଜେ କଲା ବଡ଼ଦେଉଳକୁ । ଜଗତକର୍ତ୍ତା ନିଦ୍ରା ଯିବେ । ହସ ଲାଗିଲା ମୋତେ । ପ୍ରଭୁ ଯେବେ ଶୋଇ ପଡ଼ିବେ ଏ ଦୁନିଆଁ କଣ ରହିବ । ସେ ଯାହାହେଉ ପ୍ରଭୁଙ୍କର ମାନବ ଲୀଳା ଇଏ । ଶଯ୍ୟା ନାରାୟଣ ପୁଣି ଫେରି ଗଲେ ମନ୍ଦିର ଭିତରକୁ । ଧିରେ ଧିରେ ବନ୍ଦ ହେବାକୁ ଲାଗିଲା ମନ୍ଦିରର ସମସ୍ତ ଆଲୋକ । କବାଟ ପଡିବାକୁ ଲାଗିଲା । ସେ କବାଟ ଫାଙ୍କରୁ ଦୀପର ଆଲୋକରେ ପୁଣିଥରେ ଦିଶି ଯାଉଥିଲା କଳାବଦନ । ମନରେ ପୁଣି ଭରିଗଲା ତୃପ୍ତି ର ଆନନ୍ଦ ।

ସମୟ ସାଢେ ତିନିଟା ଜୀବନର ସର୍ବୋଚ୍ଚ ଆନନ୍ଦର ରାତି ଟି ଶେଷ ହବାକୁ ଆଉ ମାତ୍ର କେଇ ଘଡି ବାକି । କାଳିଆ ରଜା ଶୋଇଗଲା ଆଉ ମୁଁ ଚାଲିଲି ମୋ ବନ୍ଧୁର ମେସ୍‌କୁ । ମୁହଁରୁ ଖାଲି ବାହାରୁଥିଲା ଜୟ ଜଗନ୍ନାଥ । ମନେ ପଡ଼ିଯାଉଥିଲା ସେ ଦିବ୍ୟାନୁଭୂତି । କହି ଉଠୁଥିଲି ପ୍ରଭୁ ତୁ ତ ଭକତ ଭାବରେ ବନ୍ଧାରେ ଭକତ ଜୀବନ ଧନ ।

ଜୟ ଜଗନ୍ନାଥ



# ପ୍ରତିଭା

ଆଦିତ୍ୟ ସାହୁ

ଏକ ପ୍ରସ୍ଫୁଟିତ ଫୁଲର ମହକ
କେତେବେଳେ ମିଳେ ସେତ ପଙ୍କ ମଧ୍ୟରେ
କେତେବେଳେ ଦେଖାଯାଏ କୋଇଲା ଖଣିରେ
କିନ୍ତୁ ପରିମାର୍ଜିତ ହୋଇ ଉଠେ
ପ୍ରତିଭାଶାଳୀର ହାତ ଛୁଆଁରେ...

କେତେ ଯେ ପ୍ରତିଭା ଲୁକ୍କାୟିତ ଆଜି
ସମାଜର ଅନ୍ଧକାର ମଧ୍ୟରେ
ଅପେକ୍ଷାରେ ଅଛନ୍ତି ସବୁ ସୂର୍ଯ୍ୟ ଆଲୋକେ
ଯେହ୍ନେ କଇଁ ଅପେକ୍ଷା କରିଥାଏ ଚନ୍ଦ୍ରମା
ର ଶୀତଳତାର ସ୍ପର୍ଶ ପାଇଁ....

କେବେ କେବେ ପ୍ରତିଭାର ହୁଏ ଅସମ୍ମାନ
ସେତେବେଳେ ସେଠି ହୁଅନ୍ତି ପ୍ରଭୁ ନାରାୟଣ
ଯେହ୍ନେ ଜୟଦେବଙ୍କ ପଦ କରିଥିଲେ ପୁରା
ସେଇ ନିଳାଦ୍ରୀ ବିହାରି ପ୍ରଭୁ କାଳିଆ ଗଞ୍ଜନ

ଶିଶୁ ଭିତରେ ବି ରହି ଥାଏ ପ୍ରତିଭାର ଆନ୍ଦୋଳନ
କିନ୍ତୁ ସମାଜର ଅବ୍ୟବସ୍ଥା ନକରି ପାରେ ଦୁରୀକରଣ
ଆରେ ଯୁବଶକ୍ତି ହୁଅ ତେଜିୟାନ୍ କର ରେ ସଂଘର୍ଷ
ହୋଇ ତୁମେ ସବଳ ନିର୍ମାଣ କର ଇତିହାସର
ଭାଷାକୋଷ.....



# ଜଗନ୍ନାଥ ତୁମେ ଇସ୍ତଫା ଦିଅ

ହେନେରିଟା ମିଶ୍ର

ଜଗନ୍ନାଥ ତୁମେ ଇସ୍ତଫା ଦେଇ ଦେଉଳୁ ଯା' ବାହାରି
ସତ ମୁଁ କହୁଛି, ନାଥ ନାଥ ବୋଲି ତୁଛାକୁ ପଡୁଛି ହୁରି
ରତନ ବେଦିର ମୋହ ତେଜି ତୁମେ ତୁରନ୍ତ ପଳାଅ ଛାଡ଼ି
ଯେଉଁ ବାଟେ ବାଟେ ଆସିଥିଲ ବନ୍ଧୁ ସେ ବାଟରେ ଯାଅ ଫେରି
ଭାରୀ ନିଲଜିଆ ହେ ଚକାଆଖିଆ ବଡ଼ ବଡ଼ ତୁମ ନୀତି
କେତେ ଦଗାଦିଆ ଦୁନିଆ ଜାଣିଛି, ମିଛ ସବୁ ପ୍ରତିଶୃତି
ତେଲିଆ ମୁଣ୍ଡରେ ତେଲ ଢ଼ାଳି ତୁମେ କହୁଛ କାହିଁକି ଲୀଳା
ସବୁ ବୁଝି ସୁଝି ତୁନି ଥାଅ ତୁମେ ବୁଡ଼ାଅ ସବୁରି ଭେଳା
ଗରିବ ମାଇପ ସବୁରି ଶାଳୀ ହେ ଜଣା କି ନ ଜଣା ତାହା
ଡ଼ାକି ଡ଼ାକି ତଣ୍ଟି ସୁଖି ମୋ ଗଲାଣି ଶୁଣୁ ନାହଁ ତୁମେ କିଆଁ
ଲଜ୍ଜା ଲାଗୁନାହିଁ ଜଗତର ପତି ବୋଲାଉଛ ହେ କାହିଁ ?
କେଉଁ ଅଧିକାରେ ଦୁଃଖକୁ ଦେଉଛ, ମାଗୁତ ତୁମକୁ ନାହିଁ
ମଳି ମୁଣ୍ଡିଆଙ୍କୁ ହରଭରା କରି ଲଗାଉଛ କେତେ ନାଟ
ପଇସାବାଲାଙ୍କ ସୁନାପୁଅ ସାଜି ଦେଖୁଥାଅ ହେ ସୁକୁଟ
ଲାଞ୍ଚୁଆ ମିଛୁଆ ପୁଣି ଗଞ୍ଜୋଡ଼ିଆ ସବୁ ଯେ ତୁମରି ପ୍ରିୟ
ଜାଣି ଶୁଣି ସବୁ ହେଉଛ ଅଜଣା, କେମିତି କା ତୁମେ ଦିଅଁ ?
ଯୋଗି ଭୀକାରୀ ଯେ ଭଗବାନ ହୋଇ ଧର୍ମକୁ ମାରନ୍ତି ଠାର
ତଣ୍ଟି ଚିପି ସବୁ ରକତ ଶୋଷି ଟଙ୍କାକୁ କରନ୍ତି ଠୁଳ
ସଜ ମାଛରେ ଯେ ପୋକ ପଡୁଥାଏ, ଦେଖା କି ଯାଉନି ନାଥ ?

ତୁମେ ଥାଉ ଥାଉ ନିରିମାଖୀ କେତେ ହେଇଥାନ୍ତି ନିର୍ଯାତିତ

ଷାଠିଏ ପଉଟି ଯାହାର ଭଣ୍ଡାର ସେ କାହୁଁ ଜାଣିବ ଦୁଃଖ ?

ପଖାଳର କଂସା ଖାଲି ପଡ଼ିଲେ କି, ଭାଙ୍ଗିବ ତାହାର ନିଦ ?

ଛପନ ଭୋଗର ଥାଳିରେ ଯାହାର ନିତି ପରଷା ହୁଏ

ସେ କାହୁଁ ବୁଝିବ ଅଧାପେଟ ଭୋକ ପେଟକି ଅପୋଷା ରହେ ?

ଯାହାର ଶ୍ରୀ ଅଙ୍ଗେ ନିତି ଲାଗିହୁଏ ଖଣ୍ଡୁଆ ପାଟର ଶାଢ଼ୀ

କାହୁଁ ସେ ଜାଣିବ ନିରଶ୍ରୀର ଲଜ୍ଜା, କି ଲାଭ କରି ଗୁହାରି ?

ବଡ଼ ଦେଉଳ ଯା ଘର ତ ଅଟଇ, କାହୁଁ ସେ କରିବ ଚିନ୍ତା

ଲକ୍ଷ ଲକ୍ଷ ଲୋକ ଅଘୋରି ହୋଇଲେ ତା'ର କି ମନ ବ୍ୟଥା ?

କ୍ଷୀରରେ ମହୁରେ ନିତି ଭାସେ ବୋଲି, ହସୁଥାଏ ଅହରହ

ଆଖିର ଲୁହ ଯେ ଗରିବ କପାଳେ, କାହାକୁ କହିବ କହ ?

ଆନନ୍ଦ ବଜାର ବ୍ୟବସାୟ ତୁମ ଭଲରେ ଚାଲିଛି ବୋଲି

ଜଗତର ନାଥ ଆହେ ଜଗନ୍ନଥା ସବୁତ ଗଲଣି ଭୁଲି

ଅତୀତରେ କେତେ ଭକତର ଲାଗି କାନ୍ଦୁଥିଲା ତୁମ ମନ

ପାଶୋରୀ କି ଗଲ ଆହେ ଦୟାନିଧି, କରୁଅଛି ମୁହିଁ ପ୍ରଶ୍ନ

ନାଁ କୁ ମାତ୍ର ଦେବତା ବୋଲେଇ କରୁଥାଅ ପ୍ରହସନ

ବହୁତ କରିଲ ଜଗତ କଲ୍ୟାଣ ଏଥରକ ଟିକେ ଶୁଣ

ସହଳ ସହଳ ପ୍ରସ୍ତୁତ ହୁଅ ଉଚ୍ଛୁର ହେଲାଣି ଭାରି

ଜଗନ୍ନାଥ ତୁମେ ଇସ୍ତଫା ଦେଇ ଦେଉଳୁ ଯାଅ ବାହାରି....!!!!!



# ସତ୍‌ସାହିତ୍ୟ ଓ ରାଜନୀତି

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସାହିତ୍ୟ ଓ ରାଜନୀତି ଦୁଇଟି ବିପରିତ ଅର୍ଥବୋଧକ ଶବ୍ଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାହିତ୍ୟିକ ମାନେ ବେଳସୁ ଅଳସୁଆ, ଭାବପ୍ରବଣ, ଭାବୁକ, ଚିନ୍ତାଶୀଳ ଓ ନିଜ ଦୁନିଆରେ ହଜି ରହିଥିବା ଅସାମାଜିକ ପ୍ରାଣୀ କହିଲେ ବି ଚଳିବ । ଲେଖକ ହୁଅନ୍ତୁ ବା କବି, ସମୟ ପାଇଲେ ଦୁନିଆ କଥା ଚିନ୍ତା କରନ୍ତି, ନଚେତ୍ ସେମାନେ ନିଜ ଦୁନିଆରେ ମସଗୁଲ୍ ରହନ୍ତି । ଏପରିକି ଜନୈକ ଓଡ଼ିଆ କବି ଲେଖିଛନ୍ତି, 'ହେ ଭଗବାନ ସେ ପାପୀ ମାନଙ୍କୁ କ୍ଷମା କରିଦିଅ ଯେଉଁମାନେ ରାତିରେ ନ ଶୋଇ ଲେଖାଲେଖି କରନ୍ତି ।' କବି ବା ଲେଖକ ମାନଙ୍କୁ ସାଧାରଣତଃ ଅତି ଉଚ୍ଚ ମାନର ମାନବ ବୋଲି ସମସ୍ତେ ଭାବନ୍ତି । ହେଲେ ପ୍ରଶଂସା ପାଇବା ପାଇଁ କିଛି ଲେଖକ ଓ କବି ଅତ୍ୟନ୍ତ ଅମାନବୀୟ କାଣ୍ଡ ସବୁ ଘଟାଇଥାନ୍ତି । ସେ ଯା'ହେଉ ଆମେ ସେ ସବୁ ବିଷୟରେ ଅନଭିଜ୍ଞ ତେଣୁ ଏ ବିଷୟରେ ଚର୍ଚ୍ଚା କରିବା ଆମ ପକ୍ଷରେ ଅନୁଚିତ ।

ସାହିତ୍ୟ ବର୍ତ୍ତମାନ ଏକ ପାଠ୍ୟ ପୁସ୍ତକର ବାଧ୍ୟତାମୂଳକ ବିଷୟ ହୋଇ ରହିଗଲାଣି । ବାସ୍ତବିକ ଜୀବନରେ ସାହିତ୍ୟର ପ୍ରବେଶ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ଏହି ଲେଖା ପଢୁଥିବା ବନ୍ଧୁମାନଙ୍କ ଭିତରୁ କେତେଜଣ ସତରେ ଅନ୍ତତଃ ଥରେ କବିତା ପାଠୋତ୍ସବରେ ଯୋଗଦେଇଛନ୍ତି ? କିମ୍ବା କୌଣସି ସାହିତ୍ୟ ସଭାରେ ଯୋଗଦେଇଛନ୍ତି ? ହଁ, ଅନେକ ବନ୍ଧୁ ଏମିତିକା ସଭା ସମିତିରେ ଭାଗ ନିଅନ୍ତି । ଉଦଘାଟନ ସମାରୋହ ସରିବା ପରେ ପରେ ଭୁରି ଭୋଜନ ପକେଇ ଦେବା ପରେ ସେମାନଙ୍କ ଦେଖା ମିଳେନାହିଁ। ଉପସ୍ଥିତ ସାହିତ୍ୟକାରଙ୍କୁ ସାମାନ୍ୟ ପ୍ରଶଂସା କରିଦେଲେ କଣ ବା ନଷ୍ଟ ହୋଇଯିବ କେଜାଣି? ଏମିତିକା ଅନେକ କଥା ରହିଛି, କହିଲେ ଅନେକ ବନ୍ଧୁ ଏହି ଲେଖାକୁ ଏଇଠି ଛାଡ଼ିଦେଇ ଚାଲିଯିବେ, କହିବେ ଫାଲ୍‌ତୁ କଥା ଗୁଡ଼େ ଲେଖି ଦେଇଛି ।

ଓଡ଼ିଶାର ପ୍ରାୟ ସମସ୍ତ ସହର ଓ କ୍ଷୁଦ୍ର ସହର ମାନଙ୍କରେ ଅଗଣିତ ସାହିତ୍ୟ ସଂସଦମାନ ରହିଛି । କିଛି କିଛି ସଂଗଠନରେ ଶତାଧିକ ସଦସ୍ୟ ସଦସ୍ୟା ବି ରହିଛନ୍ତି । ମାସରେ ଅନ୍ତତଃ ଥରେ ଅଧେ ଏମାନେ ସାହିତ୍ୟ ସଭା ଆୟୋଜନ କରନ୍ତି । ଯୋଗ ଦିଅନ୍ତି

କେତେଜଣ ତାହା ସ୍ଥାନ, କାଳ ଆଉ ପାତ୍ର ଉପରେ ନିର୍ଭର କରେ। ଅର୍ଥାତ ଯଦି ଏହି ସଭା କୌଣସି ଧନାଢ଼୍ୟ ବ୍ୟକ୍ତି ଆୟୋଜନ କରନ୍ତି ତେବେ ତାହାଙ୍କର ପ୍ରତିପତ୍ତି ଯୋଗୁଁ ହେଉ ଅବା ସୁଖାଦ୍ୟର ଲାଳସାରେ ହେଉ ଅନେକ ବନ୍ଧୁ ଆସନ୍ତି। ସେହିପରି ମଧ୍ୟାହ୍ନରେ ହେଉଥିବା ସାହିତ୍ୟ ସଭାରେ ଯୋଗଦାନ କମ ଦେଖିବାକୁ ମିଳେ। ସଂଧ୍ୟାରେ ଆସର ଥିଲେ ଉପସ୍ଥାନ ବଢ଼ିଯାଏ। ସଭାପାଇଁ ନିମନ୍ତ୍ରଣ ଦେଉଥିବା ସଦସ୍ୟଙ୍କ ଅନ୍ୟ ସଦସ୍ୟ ସଦସ୍ୟାଙ୍କ ଉପରେ ଥିବା ପ୍ରଭାବ ମଧ୍ୟ ଏହି ସଭାର ଉପସ୍ଥାନ ନିର୍ଦ୍ଧାରଣ କରିଥାଏ।

ହେଲେ କାଁ ଭାଁ ହେଉଥିବା ଏହି ସବୁ ସଭାରେ କବି ଓ ଲେଖକମାନେ ଠୁଳ ହୋଇ ନିଜ ନିଜ କବିତା ବା କ୍ଷୁଦ୍ର ଲେଖା ପଢ଼ିବା ପାଇଁ ଯେଉଁ ତତ୍ପରତା ଦେଖାନ୍ତି ତାହା ଦେଖିଲା ନ ଜାଣିବା ଲୋକ ଭାବିବ ଯେ ଲୋକମାନଙ୍କର ସାହିତ୍ୟ ସ୍ପୃହା କେତେ ? ଅଥଚ ଯେ ଜାଣିଛି ସେ ଭଲ ଭାବରେ ଠଉରେଇ ନେଇ ପାରିବ ଯେ ଏହି ସବୁ ସଭାରେ ଶୀଘ୍ର ଶୀଘ୍ର ନିଜ ନିଜ କବିତା ପଢ଼ିଦେଇ ଚାଲିଯିବାକୁ ସମସ୍ତେ ଯେମିତି ବ୍ୟଗ୍ର। କାରଣ ଯେଉଁ ଅଳ୍ପକେତେକ ଲୋକ ଶେଷକୁ ରହିବେ ସଭାର ତମାମ୍ ଖର୍ଚ୍ଚ ସେମାନଙ୍କୁ ଭରଣା କରିବାକୁ ପଡ଼ିବ। କିମ୍ବା ଚେୟାର୍ ଟେବୁଲ୍ ଉଠାଇବାକୁ ପଡ଼ିପାରେ। ଏମିତିକା ଅନେକ କାମ ଯେଉଁଥି ପାଇଁ ଅନେକ କବି ନିଜକୁ ଏହି ସବୁ କାର୍ଯ୍ୟରୁ ଉର୍ଦ୍ଧ୍ବରେ ବୋଲି ଭାବନ୍ତି।

ସାଧାରଣତଃ କୌଣସି ସଦସ୍ୟ କିମ୍ବା ସଦସ୍ୟାଙ୍କ ଘରେ ହେଉଥିବା ସାହିତ୍ୟ ଆସରରେ ସାହିତ୍ୟ ଚର୍ଚ୍ଚା କମ ପଡ଼େ, ଉଦ୍ୟୋକ୍ତା କେତେ ପରିମାଣର ଚାହା କିମ୍ବା ମୃଦୁପାନୀୟ ଦେଇ ଆଗତ ଅତିଥି ମାନଙ୍କୁ ଆପ୍ୟାୟିତ କରନ୍ତି ତାହା ଚର୍ଚ୍ଚା ଅଧିକ ହୁଏ। ଆଉ ଅନୁପସ୍ଥିତ ସଦସ୍ୟ ସଦସ୍ୟାଙ୍କ ପ୍ରତି କଟାକ୍ଷମଧ୍ୟ ଏହି ସବୁ ସଭାରେ ଢ଼େର ଦେଖାଯାଏ। ଏହି ସବୁ ସଭାରେ ପଢ଼ାଯାଉଥିବା କବିତା ମାନଙ୍କୁ ମୋ ମତରେ ତିନୋଟି ଶ୍ରେଣୀଭୂକ୍ତ କରିବା ଉଚିତ ହେବ। ପ୍ରଥମତଃ ଅକବିତା, ଅର୍ଥାତ ଯାହା କବିତା ପଦବାଚ୍ୟ ନ ହୋଇପାରେ କିମ୍ବା କୌଣସି ସ୍ବୟଂ ସମ୍ମାନିତ ଓ ପ୍ରକାଶିତ କବିଙ୍କ ଉଦ୍ଭଟ ପରିକଳ୍ପନାର କିୟଦାଂଶ ହୋଇଥାଏ। ଯାହା ଗଦ୍ୟ କିମ୍ବା ପଦ୍ୟ ଶ୍ରେଣୀରେ ସଂପୃକ୍ତ ହୋଇପାରେ ନାହିଁ। ଅଥଚ ସେହିପରି ଏକ ଅକବିତାକୁ ସଂଯୋଜକ ନିଜର ଅଭୂତ ଖିଆଲରେ ବର୍ଣ୍ଣନା କରିବାରେ କୌଣସି ଅପାରଗତା ଦେଖାନ୍ତି ନାହିଁ। ଦ୍ବିତୀୟଟି ହେଲା ଆଧୁନିକ କବିତା। ସମ୍ଭବତଃ ଆଧୁନିକ ଯୁଗରେ କବିତାର ଲାଳିତ୍ୟ ଓ ପଦ ସଂଯୋଜନାକୁ ଆଡ଼େଇ ଦେଇ ଯେଉଁ କବିତା ସବୁ ସୃଷ୍ଟି କରାଯାଇଛି। ଏହି କବିତାରେ କିଛି ଅର୍ଥ ଓ ଅନ୍ତର୍ନିହିତ ସୂଚନା ବି ଥାଇପାରେ। ଅନେକେ ଆଜିକାଲି ଏହି

ଶ୍ରେଣୀର କବିତା ଲେଖିଲେଣି । ବିଶେଷତଃ ମୌଳିକ ଲେଖା ସବୁ ହୋଇଥିବା ହେତୁ ଏହି ସବୁ କବିତାକୁ ଅନେକ ଲୋକ ଆଜିକାଲି ବୁଝିବାରେ ସିଦ୍ଧହସ୍ତ ହେଲେଣି । ତଥାପି ଅନେକ ବୁଝିପାରନ୍ତି ନାହିଁ, ବୋଧ ହୁଏ ସେଇଥି ପାଇଁ ତ ଏ ସବୁକୁ ଆଧୁନିକ କବିତା କୁହାଯାଉଛି । ଯାହା କେହି ପୁରୁଣା ଯୁଗୀୟ କବି ବୁଝି ପାରିବେ ନାହିଁ । ଆଉ ତୃତୀୟ ଶ୍ରେଣୀର କବିତା ହେଲା ପ୍ରକୃତ କବିତା, ଯେଉଁଠି ଶବ୍ଦ ଓ ପଦର ସଠିକ ସଂଯୋଜନା ହୋଇଥାଏ । ଧାଡ଼ିକୁ ଧାଡ଼ି କବିତା ଲେଖା ହୋଇଥାଏ । କବି ନିଜ ଲେଖାକୁ ପଢ଼ନ୍ତି ନାହିଁ ବରଂ ନିଜେ ସ୍ବର ସଂଯୋଜନା କରି ଗାଆନ୍ତି ମଧ୍ୟ । ଯାହା ଶୁଣିବାକୁ ଶ୍ରୁତି ମଧୁର ହୋଇଥାଏ । ଆଉ ବୁଝିବାକୁ ବହୁତ କଷ୍ଟ କରିବାକୁ ପଡ଼େ ନାହିଁ ।

ବେଳେ ବେଳେ ବିଭିନ୍ନ ସାହିତ୍ୟ ସଂଗଠନ ମାନଙ୍କ ତରଫରୁ ବାର୍ଷିକ ଉତ୍ସବ ଆଦିର ଆୟୋଜନ କରାଯାଏ । ସ୍ବାଭାବିକ କଥା ସାହିତ୍ୟ ଓ କବିତା ତଥା ଗଳ୍ପର ପାଠକ ମାନଙ୍କ ସଂଖ୍ୟା ଦିନୁ ଦିନ କମ ହେଉଥିବା ସମୟରେ ଏହି ପ୍ରକାରର ବିରାଟ ସଭାର ଆୟୋଜନ କରିବା କେତେ କଷ୍ଟସାଧ୍ୟ ବ୍ୟାପାର ତାହା କେବଳ ଆୟୋଜକ ମାନେ ହିଁ ଜାଣନ୍ତି । ତଥାପି ପ୍ରତ୍ୟେକ ସାହିତ୍ୟାନୁଷ୍ଠାନ ଅନ୍ତତଃ ବର୍ଷରେ ଥରେ ଏକ ସମାରୋହର ଆୟୋଜନ କରନ୍ତି । ହେଲେ ଏହି ସବୁ ସଭା ସମାରୋହ ପାଇଁ ଅର୍ଥ ଆସେ କେଉଁଠୁ?

ପ୍ରାୟ ପ୍ରତ୍ୟେକ ସାହିତ୍ୟ ସମାରୋହରେ କିଛି ଲବ୍ଧପ୍ରତିଷ୍ଠିତ କବି ଓ ଲେଖକମାନଙ୍କୁ ସମ୍ମାନିତ କରାଯାଇଥାଏ । ସେହି କବି ଓ ଲେଖକମାନେ ଏହି ସବୁ ପୁରସ୍କାର ବଦଳରେ ସଂଗଠନକୁ କିଛି କିଛି ସାହାଯ୍ୟ ଦେଇଥାନ୍ତି । ଏହି ସାହାଯ୍ୟ ବା ଅନୁଦାନ ରାଶିରେ କାର୍ଯ୍ୟକ୍ରମମାନ ଆୟୋଜନ ହୁଏ । କହିବା ଆଉ ଶୁଣିବାକୁ ଲାଜ ଲାଗୁଥିଲେ ସୁଦ୍ଧା ଏହା ସତ୍ୟ । ପ୍ରାୟ ଅଧିକାଂଶ ଲେଖକ ଓ କବି ମାନଙ୍କୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ବିଭିନ୍ନ ସାହିତ୍ୟ ସଂଗଠନ ତରଫରୁ ଏହିପରି ସମ୍ମାନ ଦେବାପାଇଁ ସମନ ପତ୍ର ଆସିଥାଏ । ସେହି ସଂଗଠନର ଦାବୀ ମୁତାବକ ଅର୍ଥ ଦେଇ ପାରିଲେ, ସେମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥାଏ । ଅବସ୍ଥା ଏମିତି ବି ହେଲାଣି ଯେ, କବି ଓ ଲେଖକମାନେ ସ୍ବୟଂକୁ ପ୍ରଚାରିତ ଓ ପ୍ରଶଂସିତ କରିବା ଉଦ୍ଦେଶ୍ୟରେ ଅନେକ ସାହିତ୍ୟାନୁଷ୍ଠାନରେ ଅନୁଦାନ ଦେଇ ଦେଇ ତଳିତିଳାନ୍ତ ହେଲେଣି । ଅବଶ୍ୟ ଏଥିରେ ସଂପୃକ୍ତ କବି ବା ଲେଖକଙ୍କର ସମ୍ପୂର୍ଣ୍ଣ ଦୋଷ ବୋଲି ବି କହି ହେବନାହିଁ । ନିଜର ତଥା ନିଜ ପରିବାରର ସମୟ ବଦଳରେ ଲେଖା ଲେଖୁଥିବା ଲୋକଟିଏ ପାରିଶ୍ରମିକ ବୋଲି ଯାହା ପାଏ ତାହା ନ କହିବା ଭଲ । ତେଣୁ ପ୍ରଶଂସା

ଟିକେ ପାଇଲେ ସେମାନେ ଯେ ଖୁସି ହେବେ ଏଥିରେ ଦ୍ବିମତ ନାହିଁ।

ଲେଖାଲେଖି କରୁଥିବା ବ୍ୟକ୍ତିଟିଏ ପୁସ୍ତିକ ପ୍ରକାଶନ କରିବା ଅନ୍ୟ ଏକ ଦିଗ ହୋଇପାରେ। ହେଲେ ଏଥିରୁ ମିଳେ କଣ ? ଆପଣଙ୍କ ଲେଖା ଅତି ଉଚ୍ଚ କୋଟୀର ନ ହେଲେ କୌଣସି ପ୍ରକାଶକ ତାହା ଛାପିବା ପାଇଁ ଇଚ୍ଛା ପ୍ରକାଶ କରିବେ ନାହିଁ। ଆଉ ଯଦି ବି କିଛି ପ୍ରକାଶକ ଛାପନ୍ତି ସେମାନେ ପୁସ୍ତକ ବିତରଣ କଥା ଲେଖକ ଉପରେ ଛାଡ଼ି ଦିଅନ୍ତି। ତେଣୁ ଅନେକ ଲେଖକ ନିଜ ବହି ଛାପିବା ପୂର୍ବରୁ ହିଁ ନିଜ ପାଣ୍ଡୁଲିପି ସବୁ ବାନ୍ଧି ରଖି ଦିଅନ୍ତି। ଜଣେ ଲେଖିକା ମୋତେ କହିଲେ ଯେ ମ୍ୟାଗାଜିନ୍ ଛାପିଲେ କେତେ କଷ୍ଟ ତାହା ତୁମେ କେମିତି ଜାଣିବ। ମାସିକ ପତ୍ରିକାଟିଏ ଛାପିବା ପାଇଁ ଅନ୍ତତଃ ଦଶ ପନ୍ଦର ଦିନ ବିଭିନ୍ନ ଲେଖକ ଓ କବିଙ୍କ ନିକଟରେ ପହଞ୍ଚିବାକୁ ହେବ। ସେମାନେ ଲେଖା ଦେବାପରେ ତାକୁ ଟାଇପ କରିବା, ସଂଶୋଧନ କରିବା ଏବଂ ଛାପିବା ଭିତରେ ପୁଣି ବିଜ୍ଞାପନ ପାଇଁ ଧାଁ ଧଉଡ଼ କରିବାକୁ ପଡ଼ିବ। ଶେଷରେ ପାଞ୍ଚଶହ କପି ଛାପି ଆଣିବା ପରେ ମଧ୍ୟ ଅତି କଷ୍ଟରେ ଶହେ ଖଣ୍ଡେ ବିକ୍ରିହେବନି। ଅନେକ ବନ୍ଧୁ ସାମ୍ପଲ୍ କପି ମାଗିନେବେ। ନିଜ ପରିଶ୍ରମର ଅର୍ଥ, ସମୟ ଓ ଶ୍ରମ ସବୁ ବୃଥାଯିବ। ଦେଖିବାକୁ ଗଲେ ଏହା ସମ୍ପୂର୍ଣ୍ଣ ରୂପେ ସତ୍ୟ। ଓଡ଼ିଆ ମ୍ୟାଗାଜିନ୍ କିଣି ପଢ଼ିବା ପାଇଁ ପାଠକ କାହାନ୍ତି। ଘରେ ପହଞ୍ଚିଗଲେ, ଟିଭିରୁ ସମୟ ପାଇଲେ ତ କେହି ପଢ଼ାପଢ଼ି କରିବ ? ଆଉ ଏବେ ଇଣ୍ଟରନେଟ୍ ଆସିବାପରେ ଲୋକମାନେ ସାହିତ୍ୟରୁ ଦୁରେଇ ଯାଇଛନ୍ତି ତାହା କହିଲେ ଅତ୍ୟୁକ୍ତି ହେବନାହିଁ।

ଯୁଗ ବଦଳୁଛି, ଯୁଗ ସହ ତାଳଦେଇ ସାହିତ୍ୟ ବି ବଦଳି ଗଲାଣି। ଅଥଚ ଏହାର ପ୍ରତି ଥିବା ଲୋକଙ୍କ ଶ୍ରଦ୍ଧା ଆଉ ପୂର୍ବପରି ନାହିଁ। ସାହିତ୍ୟ ହେଉଛି ଆମ ସଭ୍ୟତାର ଦର୍ପଣ। ବିନା ସାହିତ୍ୟରେ ସମାଜର ଉନ୍ନତି ଅସମ୍ଭବ। ତେଣୁ ଆମକୁ ଅନେକ ସାହିତ୍ୟର ସୃଷ୍ଟି କରିବାକୁ ହେବ। ତେବେ ଯାଇ ଆମେ ଆମ ଭାଷା ଓ ସାହିତ୍ୟକୁ ବଞ୍ଚେଇ ରଖିବାରେ ସଫଳ ହୋଇପାରିବା।



# ବୋଉ ମୋର

କମଳ କୁମାର ଦାଶ

ଆଜିବି ଖୋଜୁଛି ମୋତେ ବୋଉ ମୋର
ସ୍କୁଲ ପିଲାଙ୍କ ଭିତରେ
ଭାବୁଛି ଫେରିବି ସବୁଦିନ ଘରେ
ସ୍କୁଲ ଛୁଟି ହେଲା ପରେ - ୧

ମନେ ପଡ଼େ ତାର ଟିଫିନ୍ ସଜଡ଼ା
ତା'କାନିରେ ମୁହଁ ପୋଛା
ଖରା ଦିନ ଛୁଟି ଗାଆଁର ଯାତରା
ଦିପହରେ ତାର କଥା - ୨

ମନାସେ ମୋ ପାଇଁ କୋଟି ଦେବତା ସେ
ଉପାଶରେ କାଟେ ଦିନ
ମୁଁ ଘରେ ପାଇଲେ ଖୁସିରେ କାନ୍ଦେ ସେ
ନାଚି ଯାଏ ତାର ମନ-୩

କହେ ଥରେ ମୋତେ ସେ ଭାବୁଛି ଆଜି
ଛୋଟ ଆମେ ହୁଅନ୍ତୁ ନି ?
ପାଠ ପଢୁଥାନ୍ତୁ ତା'ପାଖରେ ବସି
ଦେଖନ୍ତା ସେ ତୁନି ତୁନି-୪

ଦୂରେ ବାହାରିଲେ ଆଶୀଷ ଦେଇ ସେ
ମନେ ମନେ କାନ୍ଦୁଥାଏ
ତା ଆଡ଼େ ଚାହିଁଲେ ତା ଆଖି ଆଗରୁ
ମୋ ଆଖିରୁ ଲୁହ ବହେ-୫



# ହୋ... ଭଗତେ.... !!!

ଡଃ କୁଳାଙ୍ଗାର

ହୋ ଭକତେ... ହୋ...
ବରଷକ ପରେ କାଳିଆ ଆସୁଛି
ରଥରେ ବସିବା ପାଇଁ;
କଳାବେପାରୀଙ୍କ କାରନାମା ପାଇଁ
ଏ ଦେଶକୁ କିନ୍ତୁ
କଳା ଟଙ୍କା ଆସୁନାଇଁ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ବିଜେଡିରେ ପ୍ୟାରୀ-ନବୀନଙ୍କ ପରି
ପଣ୍ଡାଙ୍କର ଦି' ଗୋଠ;
କିଏ ଟାଣୁଥିବ ସରଧାବାଲିକୁ
କିଏ ଭିଡୁଥିବ
ଆପଣାର ଗାଦି ମଠ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ଡାହୁକ ବିଚରା କଲେକ୍ସନ କରେ
ଦୋ ଅକ୍ଷରି ବୋଲି ଟାଉନୁ;
ହେଲେ ପ୍ରଶାସକଙ୍କର
ବୋଲ ଶୁଣିକରି
ହେଇ ଯାଉଚି ସେ ଡାଉନୁ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...

ରଥଯାତ୍ରା ପାଇଁ କାଗଜ ପତ୍ରରେ
ହଉନି ଯମାରୁ ଆଇଁଷ
ରେଏଟ୍ ତେଣୁ ଡବଲ୍ ଏବେ
ଦି'ଓଳି ଆସି
ପୁଲିସି ନଉଚି ପାଆଁଶ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ଡାହୁକ ଗୀତ ପଦେ ନ ଶୁଣିଲେ
ନଗଡ଼େ କାଳିଆ ଚକ;
ଆମ ସିନେମାର ଆଇଟମ ଗୀତ
ଶୁଣନ୍ତା ବୋଲେ ସେ'
ଗଡ଼ି ଯା'ନ୍ତା ଢ଼କ ଢ଼କ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ଚାନେଲ୍ ବାଲାଙ୍କ ସିଧା ପ୍ରସାରଣ
ସହ ଶୁଭେ ବିବରଣୀ;
ମୋ ବୋଉ ମୁଣ୍ଡିଆ ମାଇଲା ବେଳକୁ
ଦିଶେ ବିଜ୍ଞାପନ
ଚୁଡ଼ା ପାଉଡ଼ଅ, ପାଣି ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ପେଟ୍ରୋଲ୍ ବଢ଼ିଲା, ରେଳଦର ବଢ଼ିଲା
ବଢ଼ିଲା କି' ଆଳୁଦର;
ଜଗାର କିନ୍ତୁ ଟେନ୍‌ସନ୍ ନାଇଁ
ଏ ସବୁ ଜିନିଷ

ଦରକାର ନାଇଁ ତାର ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ନେତାମାନେ ଦେଖ ଟଙ୍ଗ ଟଙ୍ଗ ହୋଇ
ଧାଉଁଛନ୍ତି ରଥ ଟାଣି;
ତାଙ୍କରି କାମରେ ସବୁଥର ପରି
ରଥଟଣାରେ ବି
ପୁଲିସି ହେଉଛି ଘଣି ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
କାଳିଆ ଯାଉଛି ମାଉସୀ ଘରକୁ
ସାଙ୍ଗେ ଧରି ଭାଇ ଭଉଣୀ;
ମହିଳା ନେତ୍ରୀଏ କେମିତି ସହନ୍ତି
ଏ ତ'
ପତ୍ନୀ ନିର୍ଯ୍ୟାତନା କାହାଣୀ ହୋ...
ଡାଆଣି... ଡିଙ୍ଗାଣି... ଡାଆଣି.... ।

ହୋ ଭକତେ... ହୋ...
ପୁଅ ପଚାରୁଚି କାଳିଆ କାହିଁକି
ଚଢୁନି ରେଡ୍ କାର ?
ବାପା କହୁଛନ୍ତି ପାଖରେ ଯେଣୁ
ନାହିଁ ତା' ହେଲିକପ୍ଟର ହୋ....
ଡାଆଣି... ଡିଙ୍ଗାଣି... ଡାଆଣି.... ।



# କ୍ଷା ନ୍ତ ହୁ ଅ . . . ତୁ ମେ . . . ଶା ନ୍ତ ହୁ ଅ . . . ! ! !

ପ୍ରଶାନ୍ତ କୁମାର ଭୂୟାଁ

ଆଉ କିଟା ବୋମା ବିସ୍ଫୋରଣ ରେ...
ଆଉ ଦୁଇଶ ନୀରିହ ଜୀବନ ସଂହାର ରେ...
ସମସ୍ୟା ର ଆଶୁ ସମାଧାନ କଣ , କରି ପାରିବ ତୁମ ଆତଙ୍କତା...??
ହେ ଆତଙ୍କବାଦୀ ....!!!
କ୍ଷାନ୍ତ ହୁଅ ... ତୁମେ... ଶାନ୍ତ ହୁଅ ...!!!
ଦେଖ ସେହି ଅବେଳ ରେ ବଳି ପଡୁଥିବା ନୀରିହ ଲୋକଙ୍କୁ ....
ଏକ ଅନିଶ୍ଚିତତା ରେ ଦିନ କାଟୁଥିବା ମୋ ଦେଶବାଶୀଙ୍କୁ......

ଆଉ କିଟା ମିଥ୍ୟା ଶ୍ବେତପତ୍ର ର ଇସ୍ତାହାର ରେ ...
ଆଉ ଦି ହଜାର କୋଟି ଟଙ୍କା ର ଲୁଟ୍ ରେ
ତୁମ ମନ ଆଉ ଆତ୍ମା କଣ ପୁରିଯିବ ପରମ ତୃପ୍ତି ରେ...??
ହେ ମନ୍ତ୍ରୀ ନେତା...!!!
କ୍ଷାନ୍ତ ହୁଅ ... ତୁମେ... ଶାନ୍ତ ହୁଅ ...!!!
ଦେଖ ଥରେ ଲୁଟୁଥିବା, ଠକୁଥିବା ସେହି ନୀରିହ ବିଶ୍ବାସୀ ଜନତା ରେ.........
ଶଠ ଆଉ ପ୍ରବଞ୍ଚନା ର ଭାଷଣ ରେ ଭଳି ଯାଉଥିବା ମୋ ଦେଶବାଶୀ ରେ....

ଆଉ କିଟା ନଙ୍ଗଳା ଦେହ କୁ ଝୁଣି ଭିଣୀ ଖାଇ
ଆଉ କିଟା ନିଷ୍ପାପ ଜୀବନରେ କଳଙ୍କ ଲଗାଇ
ତୁମ କାମନା ବାସନା ର ଭୋକ କଣ ପୁରିଯିବ ସେଥିରେ....??

ହେ ଧର୍ଷଣ କାରୀ ...!!!

କ୍ଷାନ୍ତ ହୁଅ ... ତୁମେ... ଶାନ୍ତ ହୁଅ ...!!!

ଦେଖ ଥରେ ଭିତ ତ୍ରସ୍ତ ସେଇ ନିରୀହ ଆଉ କରୁଣ ଚାହାଣୀ.

ଅଦିନ ରେ ଝରି ପଡୁଥିବା ସେହି କୋମଳ ଫୁଲର ଜୀବନୀ..

ଆଉ ଦିଟା ସରଳ ନିରିହ ଲୋକଙ୍କୁ ଡରାଇ...

ଆଉ ଦୁଇଶ ଦାଦାବଟି ଅସୁଲ କରିଦେଇ...

ତୁମେ କଣ ରାତା ରାତି ପାଲଟିଯିବ ମହାପୁରୁଷ ରେ...??

ହେ ଗୁଣ୍ଡାଭାଇ...!!!

କ୍ଷାନ୍ତ ହୁଅ ... ତୁମେ... ଶାନ୍ତ ହୁଅ ...!!!

ଦେଖ ଥରେ ଡରି ମରି ମୁହଁ ମାଡି ରହି ଥିବା ସେ ଲୋକଙ୍କୁ

ତୁଣ୍ଡ ଥାଇ ଜଡା ଭଳି ବଞ୍ଚୁ ଥିବା ସେ ସରଳ ଜୀବନ କୁ......



# ଅଭୁଲା ତୁମ ମୁଖ

ମୋନଜ କୁମାର ମୁଦୁଲୀ

ସୁନ୍ଦର ତୁମ ମୁଖ ମଣ୍ଡଳଟା

କେବେ କେବେ ମନେ ପଡ଼େ

ଦରଦୀ ସବୁ ବାଡ଼ ଡେଇଁ

ସେ ଆନନ୍ଦକୁ ମୁଁ ମନଭରି ଉପଭୋଗ କରେ

କାଲିର ଦୂରତା ଆଜି ପାସୋରିଯାଏ

ମୁଁ ତୁମ ନିକଟବର୍ତ୍ତୀ ହୁଏ....

ମୋ ସ୍ବପ୍ନରେ

ସେ ଧୋବ ଫରଫର ମାଂସାଳ ମୁହଁଟା ଦିଶୁଥାଏ

ନାଲି ଟୁକୁ ଟୁକୁ ଓଠ ଓ ତୁମ ମାଦକ ଭରା ହସ

ମୋତେ ମୋ ଠାରୁ ଭୁଲାଇ ନିଏ

କେବଳ; ତୁମ ମୁଖ ଉର୍ଜାକୁ ଚାହେଁ....

ପ୍ରକୃତିର ସବୁ ନିୟମ ଭାଙ୍ଗି,

ସ୍ବପ୍ନଟା ତୁମ ଛବି ଦେଖାଉଥାଏ

ଅନ୍ଧାରର ଚାରିକାନ୍ଥ ଭିତରେ

ତୁମ ମୁଖ ଉଦ୍‌ଭାସିତ ହୁଏ

ମୁଁ ମଧୁଲିତା ଭଳି ଘୁମୁରୁଥାଏ

ତୁମ ସେଇ ଜ୍ୟୋତି ଭରା ମୁହଁ ଆଡ଼କୁ ଯାଏ.....

ସେ ଛବିକୁ ଛାଡ଼ି ଏଣେ ତେଣେ ଚାହିଁବାର ପ୍ରୟାସ

ସବୁ ମୋର ଧୂଳିସାତ୍ ହୁଏ

ତୁମକୁ ଚାହିଁବା ଛଡ଼ା ଅନ୍ୟ ଉପାୟ ନଥାଏ

କେତେବେଳୁ ମୁଁ ତୁମ ଉପାସକ ?

ମୁଁ ତାହା ଖୋଜୁଥାଏ

ହେଲେ ସେ ସବୁ ଭୁଲିଯାଏ.....

କେଜାଣି ଏ ଛାତି ଭିତରେ ଥିବା

ତୁମର ସେ ପୁରୁଣା ଛବିଗୁଡ଼ା

ପୁଣିଥରେ ଜୀବନ୍ତ ହୋଇଯାଏ

ମୋ କୋହଭରା ଆତ୍ମାରେ କ୍ଷଣିକ ତୃପ୍ତି ଦିଏ

ମୁଁ ସଂଗ୍ରାହକ ଭଳି

ବିକ୍ଷିପ୍ତ ଛବି ଗୁଡ଼ିକୁ ସଜାଡୁଥାଏ...



# ଗଙ୍ଗଶିଉଳୀ

ପ୍ରତୀକ୍ଷା ଜେନା

ଗଙ୍ଗଶିଉଳୀ ମୁଁ
ରାତିକର ଆୟୁଷ ନେଇ
ସୁବାସରେ
ସମ୍ମୋହନ କରେ
ଜରିପକା ଆକାଶର ଛାତି
ଏଇ ଗୋଟିଏ ରାତିରେ
ଜନ୍ମ ନିଏ,
ଚହଲ ପାଣିରେ ମୁହଁ
ପୁଣି ଦେଖେ'
ଦପ ଦପ ଯୌବନରେ
ସୁବାଶିତ ହୋଇ
କରେ ପୁଣି,
ପ୍ରଣୟର ଭିକ୍ଷା
ସେଇ ଦୂର ଆକାଶକୁ'
ନ' ଆସୁ କିଛି
ପ୍ରତ୍ୟୁତ୍ତର
ସରିଯାଉ ତମାମ ଆୟୁଷ
ସାରାରାତି,
କାକରରେ ଭିଜି ଭିଜି
ଜୀବନର ସ୍ବାଦ ଚାଖେ
ହେଉ ବରଂ,
ସକାଳର
ପହିଲି ଖରାରେ
ଜଳିଯାଉ
ସ୍ବର୍ଣ୍ଣାନିନ୍ଦି ଶରୀର
ମୋହର



# ଭଡ଼ାଟିଆ ବରଯାତ୍ରୀ

ରାଜେଶ୍ ମହାନ୍ତି

'ସାଙ୍ଗ ! ସେ ବାଜାବାଲାକୁ କଣ ପଇସା ଦେଇ ଦେଉଛୁ, କୋଉଠି ତା ଦୋକାନ କହିଲୁ ? ଓଲ୍‌ଡ ଟାଉନ୍ ? ଶଳା ଗୋଟେ ନୁଆ ପଇସା ଦିଆ ହେବନି, ନାଗିନ ନାଚ ଟା ହେଲାନି ତ ଜମା, ଆଉ କଣ ମଜା, ଚାଲ ଚାଲ ସବୁ, ମୋର ତ ଖାଇବାର କିଛି ନାହିଁ । ଏ ସବୁ ପ୍ରଳାପ ହେଉଛି ଆମ ପ୍ରିୟ ପ୍ରସନ୍ନ ବାବୁଙ୍କର, ସେଟା ବି କ୍ଲାସମେଟ୍ ଚନ୍ଦ୍ର ଭୁଷଣ ଚମ୍ପତି ରାୟଙ୍କ ବାହାଘର ବରଯାତ୍ରୀରେ ।

ପ୍ରସନ୍ନ, କଣ ଆଉ ତାଙ୍କ ଗୁଣଗାନ କରିବି, ଆମ ଏରିଆ ତ ପ୍ରସନ୍ନ ନ ଆସିଲେ ବାହାଘର ଆରମ୍ଭ ବି ହୁଏନି ଆଜିକାଲି । ପାଞ୍ଚ ହଜାର ଟଙ୍କା ବ୍ୟାଣ୍ଡ ପାର୍ଟି ହଉ କି ୫ ଲକ୍ଷ ସେ କେବେ ଆଜି ଯାଏ କିଛି ବାରଣ କରିନି, ସମସ୍ତେ ନିଜ ଲୋକ ।

ଚନ୍ଦ୍ରବାବୁ, ପ୍ରସନ୍ନର ବହୁ ପୁରୁଣା ସାଙ୍ଗ, ତାଙ୍କ ବାହାଘରରେ ମନଖୋଲି ନାଚିପାରିଲାନି ବୋଲି ରାଗି ପାଚି ନାଲି ।

'ମଉସା, ମାଂସ କୋଉଠୁ ଆସିଚି, ଲାଗୁନି ତ ହଂସପାଳ ମଟନ ଭଳିଆ', ଏକଥା ଶୁଣି ଦଉଡ଼ି ଆସିଲେ ବଡ଼ ଚମ୍ପତି ରାୟ ବାବୁ, ଆଉ କହିଲେ ତୁମେ ପୁଅର ଭଲ ସାଙ୍ଗ ଟିକେ ଭଦ୍ର ଭଳିଆ ବ୍ୟବହାର କର, ନହେଲେ ଧକ୍କାମାରି ବାହାର କରାଯିବ । ଏକଥା ଶୁଣି ପ୍ରସନ୍ନ ସହଜରେ ହଜମ କରି ପାରିଲା ନାହିଁ, ସିଧା ଗଲା ବେଦି ପାଖକୁ ଆଉ କହିଲା, 'ଚନ୍ଦ୍ର ବାବୁ', ମଉସା ଯାହା କହିଲେ ଭଲ ହେଲାନି, ତମେ ମୋ ସାଙ୍ଗ କିଛି କହିବ ନା ନାଇଁ । '

ଚନ୍ଦ୍ର ବାବୁ ! ସେ ବା କଣ କହିବେ, ୩ ବର୍ଷ ବାପାଙ୍କୁ ବୁଝେଇ ବୁଝେଇ, ବାପା ରାଜି ହେଇଛନ୍ତି । ଚନ୍ଦ୍ରବାବୁଙ୍କ ୫ ବର୍ଷର ପୁରୁଣା ପ୍ରେମ, ନାଁ ତା'ର ଗୋଲାପ । ଏପଟେ ପ୍ରସନ୍ନର ରାଗ ଆଉ ସେପଟେ ଗୋଲାପର ମୁଖ । ଚନ୍ଦ୍ରବାବୁ ଆଉ ଭାବିବେ କ'ଣ ? କହିଲେ ବାପା ଯେ ପୁରା ନାଁ ପକେଇବ, ଆପଣ କିଛି ବ୍ୟବସ୍ଥା କରନ୍ତୁ । ଏ କଥା ଶୁଣି ପ୍ରସନ୍ନ ଅବାକ୍ ହୋଇ ରହିଗଲା ।  ପଡ଼ିଗଲା ମୁଣ୍ଡରେ ଚଡ଼କ ।

କିନ୍ତୁ ପ୍ରସନ୍ନ ଆଜି ଏମିତି ଏତେ ଦୁଃଖୀ କାହିଁକି, ବାହାଘରରେ ଗଣ୍ଡଗୋଳ କରି ମାଡ଼ ଖାଇବା କୋଉ ନୁଆ କଥା ତ ନାଇଁ । କିନ୍ତୁ ଆଜିର ବାହାଘରଟା ସ୍ପେଶାଲ୍ । ପ୍ରସନ୍ନ ବାବୁ ଆଉ

କଣ କହନ୍ତେ ? ଭୁବନେଶ୍ବର ଉପକଣ୍ଠରେ ଥିବା ଏକ ଯୁକ୍ତ ଦୁଇ କଲେଜର ଅଧ୍ୟାପକ ସେ। ଆଜ୍ଞା ଚମକିଗଲେ କି ? ଛତୁ ଫୁଟିଲା ଭଳିଆ ଯଦି କଲେଜ୍ ଖୋଲିବ ଏମିତି ଖୋଲା ହୃଦୟବାଲା ଅଧ୍ୟାପକ ମଧ୍ୟ ମିଳିବେ। ସେ ଯା ହେଉ, ସେ ଆଉ ସେଦିନ ମୋତେ ଛାଡ଼ନ୍ତି ନାହିଁ, ନାଲି ପାଣିର କମାଲ ନା ଆଉ କିଛି ବୁଝିବା ବେଶି କଷ୍ଟ ନଥିଲା। ଦୁଃଖ ଦୁଃଖ ମୁହଁ ଟା ତାଙ୍କର, ଦେଖି ମୋତେ ସେମିତି କିଛି ଫରକ ପଡ଼ିଲା ନାହିଁ, କାରଣ ମୁଁ ଜାଣିଥିଲି ସେ କାଲି ସକାଳେ ପୁରା ଭଦ୍ରଲୋକ ହେଇଯିବେ। ଏକା ସାଙ୍ଗେ ବେଦିରୁ ଟିକେ ଦୂର ରେ ପଡ଼ିଥିବା ଚେୟାରରେ ବସି ଥାଉ, ପ୍ରସନ୍ନ ବାବୁ ଆରମ୍ଭ କଲେ ;

'ଆଜ୍ଞା ବୁଝିଲେ, ଆଜି ଏ ବାହାଘର ଭଳିଆ ମୋତେ କୋଉଠି ଏତେ ଅପମାନ ହୋଇନାହିଁ। ରାୟ ବାବୁଙ୍କ ପ୍ରେମ କାହାଣୀ ମୋ ବିନା କେବେ ସମ୍ଭବ ହୋଇନଥାନ୍ତା', ଏ କଥା ଶୁଣି ମୁଁ ଭାବିଲି କଣ ହେଇଥିବା କିଏ ଶୁଣିବ ଏ ବାଜେ କଥା ? ହେଲେ ମୋ ପାଖରେ କିଛି ଆଉ ଉପାୟ ନାହିଁ, ରାତି ଟା କଟିଲେ ମୁଁ ବି ମୋ ବାଟରେ। ସେ କିନ୍ତୁ ରହିବା ଲୋକ ନୁହେଁ, ତାଙ୍କ ଗପ ଚାଲିଥାଏ। ଗପରୁ କିନ୍ତୁ ମୁଁ ଏତିକି ଜାଣିଲି ଯେ, ରାୟ ବାବୁଙ୍କ ପ୍ରେମରେ ବାବୁଙ୍କର ବହୁତ ବଡ଼ ଅବଦାନ କିନ୍ତୁ ଥିଲା। ସେ ହଉଛନ୍ତି ସେ ବ୍ୟକ୍ତି ଯିଏ ତାଙ୍କୁ ଗୋଲାପର ଘରଠିକଣା ଦେଇଥିଲେ, ଆଉ ପ୍ରେମରେ ଉବୁଟୁବୁ ରାୟବାବୁ, ୨ ବର୍ଷ ଚକ୍କର କାଟିବା ପରେ ସେଥିରେ ସଫଳ ହୋଇଥିଲେ। ଆଉ ପୁଣି ତା'ପରେ ବାପାଙ୍କୁ ବହୁ କଷ୍ଟରେ ବୁଝା ବୁଝି କଲେ, ସେ ସବୁରେ ବିତିଗଲାଣି ୫ ବର୍ଷ। ଏକଥା ଶୁଣି ୨-୩ ଜଣ ବରଯାତ୍ରୀ ଉତ୍ତର ଦେଲେ, ରାୟବାବୁ କିନ୍ତୁ ଭଲ କଲେନି ଆପଣଙ୍କ ସହ ପ୍ରସନ୍ନ ଭାଇନା। ସେଇ ଗୋଟେ ପଦ ଶୁଣି ତାଙ୍କ ଛାତି କୁଣ୍ଢେ ମୋଟ ହେଇଯାଉଥାଏ। ରାତିବଢ଼ି ଚାଲିଲା, ଟିକେ ଟିକେ ଥଣ୍ଡାରେ ବରଯାତ୍ରୀ ଆଡୁ ଅର୍ଡ଼ର ଗଲା ଚା'ପାଣି ଟିକେ ହଉ, ଝିଅର ଭାଇ, ସେ ବିଚାରା ରାତି ୨ଟାରେ ଚା ପାଣି ଧରି କିନ୍ତୁ ହାଜର। ସେଥିରେ ବି ଚା ଭଲ ନାହିଁ ପାଣିଚିଆ ହେଇଛି ସବୁ ଅଭିଯୋଗ ହେଲା। ସେ ଯାହା ହେଉ ବାହାଘର ଚାଲିଥାଏ ତା ବାଟରେ ବରଯାତ୍ରୀ ନିଜ ବାଟରେ, ବସରେ ଥିରେ ଧିରେ ବସି ସବୁ ଫେରିଲେଣି, କିନ୍ତୁ ୩-୪ ଜଣ ରହିଗଲେ, କାରଣ ପ୍ରସନ୍ନ ଭାଇନା ସବୁ ବାହାଘରରେ ଝିଅ ଘରେ ସକାଳୁଆ ଜଳଖିଆ କରନ୍ତି। ଏମାନେ ତାଙ୍କର ଘନିଷ୍ଟ ବନ୍ଧୁ, ସେ ସୁଯୋଗ କେବେ ହାତଛଡ଼ା କରନ୍ତି ନାହିଁ। ଚାଲିଥାଏ ବାହାଘର, ସବୁ କାମ ଗୋଟେ ପରେ ଗୋଟେ ସରିଗଲା। ଝିଅ ବିଦା ସମୟ ସ୍ଥିର ହେଇ ଥାଏ ସକାଳ ୭ଟା ୪୫ରେ। ସେ ଯାହା ହଉ ସବୁ ସୁରୁଖୁରୁରେ

ବାହାଘର ସରିଗଲା, ହଠାତ୍ ମୁଁ ଦେଖିଲା ବେଳକୁ ପ୍ରସନ୍ନ ବାବୁ ଆଉ ତାଙ୍କ ୩-୪ ଚେଲା କଣ ନାହାନ୍ତି । ଏତେ ରାତିରେ ଗଲେ କୁଆଡ଼େ, କିଛି ବୁଝି ହେଲାନି । ସେ ଯାହା ହଉ ମୋର କଣ ଯାଇଛି ! ମୁଁ ନିଜ କାମ ସାରି ୮ରେ ବାହାରିଲି ଟ୍ରେନ୍ ଧରି ଘରକୁ ଫେରିବାକୁ, ଆସି ଷ୍ଟେସନରେ ଦେଖେ ତ ଆମ ବରଯାତ୍ରୀ ବାବୁ ଆଉ ୩-୪ ସାଙ୍ଗମଧ ଧରି ରେଡ଼ି ଯିବାକୁ । ହଠାତ୍ ଭାରି ଗମ୍ଭୀର ଦେଖାଯାଉଛି । ମୁଁ ପଚାରିଲି, ଆରେ ଭାଇ କାଲି କଣ ବାହାଘର ପରେ ତମ ଦେଖା ନାହିଁ, କୋଉଠି ଥିଲ ? କିଛି ଉତ୍ତର ଆସୁନି, କଣ ହେଲା ବହୁଥର ପଚାରିବାରୁ ଜଣା ପଡ଼ିଲା, ରାୟବାବୁଙ୍କ ସାନ ଶଳା, ପ୍ରସନ୍ନ ବାବୁଙ୍କର ବହୁତ ଭଲ ଅତିଥି ସତ୍କାର କରିଛନ୍ତି । ଉତ୍ତମ ମଧ୍ୟମ ଟିକେ ଭଲରେ ପଡ଼ିଛି । ଶୁଣି ହସ ଲାଗୁଥିଲା ହେଲେ, ମୁଁ ଦୁଃଖୀ ହେଲା ଭଳି ସହାନୁଭୂତି ଦେଇ ଆଗକୁ ବଢ଼ିଲି ।

ଟ୍ରେନରେ ବସିଲା ବେଳେ ମନରେ ଗୋଟେ କଥା ବାରମ୍ବାର ଆସୁଥିଲା, ଆମେ ତ କହୁଛୁ ଆମେ ସଂସ୍କୃତି ଆଉ ପରମ୍ପରାର ରାଜ୍ୟ, ହେଲେ ଆମ ସଂସ୍କୃତିରେ ବରଯାତ୍ରୀ ଯିବା ଟା କେତେ ପୁରୁଣା । ଯିଏ ଯିବ ବି ଏ ପରମ୍ପରା ଆରମ୍ଭ କରିଥିବେ, ସେ ତାର ଆଜିକାର ରୂପ ଦେଖିଲେ, ନିଜେ ବୁଝିପାରିବେନି କଣ ଚାଲିଛି ? କେଉଁଆଡ଼େ ଗତି କରୁଛି ସମାଜ । ବାହାଘର ୨ ମନ ଆଉ ୨ ପରିବାରର ସମ୍ପର୍କର ମିଳନ, ସେଠି ଏ ଭଡ଼ାଟିଆ ସାଙ୍ଗ ଆଉ ତାଙ୍କ ଅଭଦ୍ରାମି, କେତେ ଦୂର ଏକ ସଭ୍ୟ ସମାଜର ଅଂଶ ? ଆମେ ନିଜ ସଂସ୍କୃତି ଯେ ଭୁଲୁନେ ତା ନୁହେଁ, ବହୁ ଲୋକଙ୍କ ପରିବାର ର ଖୁଶି ଦିନଟିକୁ ଭଡ଼ାଟିଆ ମାନେ କେମିତି ନଷ୍ଟ କରନ୍ତି ତାକୁ ମଧ ପ୍ରୋତ୍ସାହନ ଦେଉଛେ । ବହୁତ ହେଇଗଲା ଏ ସବୁ । ଭାଇମାନେ କେବେ ହେବ ବନ୍ଦ ଏ ପ୍ରହସନ ଏବଂ କେବେ ଆସିବନି ଏ 'ଭଡ଼ାଟିଆ ବରଯାତ୍ରୀ'???

# ଶେଷ ସମ୍ବାଦ

ଅନେକ ବନ୍ଧୁଙ୍କ କୃତି ଏହି ସଂକଳନରେ ସ୍ଥାନ ପାଇ ନାହିଁ। ଏହାର ଗୋଟିଏ କିମ୍ବା ଅନେକ କାରଣ ହୋଇପାରେ। ଯେଉଁ ବନ୍ଧୁମାନଙ୍କ କଥା କିମ୍ବା କବିତା ଚଳିତ ସଂସ୍କରଣରେ ସ୍ଥାନ ପାଇନାହିଁ ସେମାନେ ଦୟାକରି ହତୋତ୍ସାହିତ ହୁଅନ୍ତୁ ନାହିଁ। ଆମ ପତ୍ରିକାର ଆଗାମୀ ସଂସ୍କରଣ ମାନଙ୍କରେ ଆପଣ ମାନଙ୍କ କଥା ଓ କବିତା ନିଶ୍ଚୟ ସ୍ଥାନ ପାଇବ। ଯେଉଁମାନେ ତଥାପି ଭାବୁଛନ୍ତି ଯେ କୌଣସି ପ୍ରକାର ଭୁଲ ହୋଇଛି, ସେମାନେ ସମ୍ପାଦକଙ୍କ ସହ ଇ-ପତ୍ରାଳାପ (by email - **aahwaan@gmail.com**) କରି ନିଜର ସମସ୍ତ ପ୍ରଶ୍ନର ଉତ୍ତର ପାଇ ପାରିବେ।

ବିଗତ ସଂକଳନ ପରେ ଅନେକ ବନ୍ଧୁ, ପାଠକ ଓ ସମୀକ୍ଷକମାନେ ମତପୋଷଣ କରିଥିଲେ ଯେ ପତ୍ରିକାରେ କେବଳ କବିତା ହିଁ ସ୍ଥାନ ପାଇଛି, ସ୍ଥାନେ ସ୍ଥାନେ ଜଣେ ଜଣେ ସ୍ରଷ୍ଟାଙ୍କର ଏକାଧିକ କବିତା ବି ସ୍ଥାନ ପାଇଛି। ଏହା ସତ୍ୟ। କିନ୍ତୁ ଏହି ଇ-ପତ୍ରିକାର ପୃଷ୍ଠପୋଷକତା କରୁଥିବା ଅଗଣିତ ସ୍ରଷ୍ଟା ଓ ପାଠକ ଆମ ପାଇଁ ଅତ୍ୟଧିକ ମୂଲ୍ୟବାନ ଏବଂ ସେମାନଙ୍କ ରଚିକୁ ଦୃଷ୍ଟିରେ ରଖି ଏହି ପରି କରାଯାଇଥିଲା। ଅବଶ୍ୟ ଚଳିତ ସଂସ୍କରଣରେ ଆମେ ସେ ସବୁ ପୁରୁଣା ବ୍ୟବସ୍ଥାକୁ ବଦଳାଇବାର ପ୍ରୟାସ କରିଛୁ।

ଚଳିତ ସଂସ୍କରଣ ପାଇଁ କୌଣସି କବିତା ଫେସ୍‌ବୁକ୍‌ର କୌଣସି ଗ୍ରୁପରୁ ନିଆଯାଇନାହିଁ। ଯେଉଁ ବନ୍ଧୁମାନେ ଆମ ସମ୍ପାଦକଙ୍କ ନିକଟକୁ ଇ-ମେଲ୍ ଦ୍ବାରା ଲେଖାପଠାଇଛନ୍ତି କେବଳ ସେମାନଙ୍କ ଲେଖା ହିଁ ପ୍ରକାଶିତ ହୋଇଛି। ବିଗତ ସଂସ୍କରଣ ତୁଳନାରେ ଚଳିତ ସଂସ୍କରଣରେ ଅଧିକ ପରିମାଣର ଗଳ୍ପ ଓ ପ୍ରବନ୍ଧ, ଭ୍ରମଣ କାହାଣୀ ତଥା ଅନୁଭୁତି କଥା ଆଦି ସ୍ଥାନ ପାଇଛି।

ଆଗାମୀ ସଂସ୍କରଣ ବ୍ୟଙ୍ଗ ବା ହାସ୍ୟରସ ଉପରେ ଆଧାରିତ ହେବ ଏବଂ ସ୍ବାଧୀନତା ଦିବସ ଆସୁଥିବା ହେତୁ ଭାରତୀୟ ସ୍ବାଧିନତା ସଂଗ୍ରାମ, ମହାପୁରୁଷ ତଥା ସେମାନଙ୍କ ଜୀବନକୁ ନେଇ ରଚିତ କାହାଣୀମାନ ଆମ ସମ୍ପାଦକଙ୍କୁ ଖୁବ୍ ଶୀଘ୍ର ପଠାଇବା ପାଇଁ ଅନୁରୋଧ ରହିଲା। ଯଦି ଏହି ସଂସ୍କରଣରେ ଆପଣଙ୍କ କୌଣସି ଲେଖାରେ କିଛି ତ୍ରୁଟିଥାଏ ତେବେ ସମ୍ପାଦକଙ୍କୁ ଇ-ମେଲ୍ ଦ୍ବାରା ଜଣାଇଲେ ଭବିଷ୍ୟତରେ ଏହି ପ୍ରକାରର ଭୁଲ ପ୍ରତି ବିଶେଷ ଧ୍ୟାନ ଦିଆଯିବ।


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଏକ ମୁଦ୍ରିତ ପୁସ୍ତିକା ଖୁବ୍ ଶୀଘ୍ର ପ୍ରକାଶିତ ହେବ । ଏକ ବିଶେଷ ସଂସ୍କରଣ ଭାବରେ ଏହାକୁ କେବଳ ଆହ୍ୱାନ ପତ୍ରିକାର ବିମୁଗ୍ଧ ପାଠକ ପାଠିକାଙ୍କ ପାଇଁ ବିକ୍ରୟ ହେତୁ ପ୍ରକାଶିତ କରାଯିବ । ଏଥିରେ ଓଡ଼ିଆରେ ଲିଖିତ ସମ୍ପୂର୍ଣ୍ଣ ମୌଳିକ ଲେଖା (ଯାହା ଆଗରୁ କୌଣସି ସ୍ଥାନରେ ପ୍ରକାଶିତ ହୋଇ ନଥିବ / ଫେସ୍‌ବୁକ୍‌ରେ ପ୍ରକାଶିତ ହୋଇନଥିବ) ଆମ ନିକଟକୁ ପଠାନ୍ତୁ । ଏଥି ନିମନ୍ତେ ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, ବ୍ୟଙ୍ଗ କାହାଣୀ, ଅନୁଭବ ଓ ଅନୁଭୂତିର କାହାଣୀ, ଜୀବନଚର୍ଯ୍ୟା, ସଂସ୍କୃତି, ସାମାଜିକ ଚଳଣି, ରୋଷେଇ, ପରିବାରଚର୍ଚ୍ଚା, କବିତା, ବ୍ୟଙ୍ଗ କବିତା ଆଦି ବିଷୟ ସମ୍ବଳିତ ଲେଖା ଏଥିରେ ସ୍ଥାନ ପାଇବ । ଏହା ବ୍ୟତିତ ଭିନ୍ନ ଭିନ୍ନ ସ୍ବାଦର ଅନେକ କାହାଣୀ ଏଥିରେ ସ୍ଥାନ ପାଇବ । ଉଚ୍ଚକୋଟୀର ଲେଖା ତଥା ଗବେଷଣାତ୍ମକ ଲେଖାମାନଙ୍କୁ ପ୍ରାଧାନ୍ୟ ଦିଆଯିବ । ଅଧିକ ସୂଚନା ନିମନ୍ତେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ ।

(aahwaan@gmail.com / 9040985463)

ଆମେ ଆମର ସମସ୍ତ ପାଠକ ପାଠିକା ମାନଙ୍କୁ ଜଣାଇ ଦେଉଛୁ ଯେ ଏହି ପତ୍ରିକା ସହ ଜଡ଼ିତ ଲେଖକ, ଲେଖିକା, ସମ୍ପାଦକ ଏବଂ ଅନ୍ୟ ସମସ୍ତ ବ୍ୟକ୍ତି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଗୌରବ ପ୍ରାପ୍ତ କରନ୍ତି କିନ୍ତୁ ନିଜକୁ ଓଡ଼ିଆରେ ଜ୍ଞାନୀ କିମ୍ବା ପଣ୍ଡିତ ବୋଲି ଜଣାନ୍ତି ନାହିଁ । ତେଣୁ ଏଠାରେ ସ୍ଥଳ ବିଶେଷରେ ବିଭିନ୍ନ ଛୋଟବଡ଼ ଭୁଲ ରହିଥିବା ସ୍ବାଭାବିକ, ସେହି ସବୁ ଭୁଲକୁ ଅଣଦେଖା କରି ଏହି ପତ୍ରିକାର ଆନନ୍ଦ ନିଅନ୍ତୁ ।




ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣକୁ ଡ଼ାଉନଲୋଡ୍ କରିବା ଏବଂ ପଢ଼ିବା ପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଦେଉଛୁ ...

Please like us on Facebook at
http://www.facebook.com/odiaparibar
http://www.facebook.com/groups/aahwaan
http://www.facebook.com/groups/kathaokabita
http://www.facebook.com/groups/premakabita
http://www.facebook.com/groups/aamapiladina
http://www.facebook.com/jyoti.pattnaik

Please forward your comments and compliments to our Editor at
**aahwaan@gmail.com**
or call him on
**9040985463 / 9861962160**